## ସଂକ୍ଷେପରେ

### ଅବସରପ୍ରାପ୍ତ କର୍ମଚାରୀଙ୍କ ପରଲୋକ

**ଢେଙ୍କାନାଳ ଅଫିସ,୧୨।୧୨:** ଢେଙ୍କାନାଳ ସହର ଷ୍ଟେଶନ ବଜାର ହାଟରୋଡ ଅଞ୍ଚଳରେ ରହୁଥିବା ଅବସରପ୍ରାପ୍ତ ବରିଷ୍ଠ କିରାଣି ଲମ୍ବୋଦର ପୃଷ୍ଟିଙ୍କ ଗତ ୯ ତାରିଖ ସକାଳେ ୯ଟା ରେ ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୭୬ବର୍ଷ ହୋଇଥିଲା। ସେ ଜଣେ ମିଷ୍ଟଭାଷୀ ଓ ମେଳାପି ବ୍ୟକ୍ତି ଥିଲେ। ସେ ଜିଲାପାଳଙ୍କ ବ୍ୟକ୍ତିଗତ ସହାୟକ ଭାବେ କାର୍ଯ୍ୟକରି ଅବସର ଗ୍ରହଣ କରିଥିଲେ। ତାଙ୍କ ମୃତ୍ୟୁ ଖବରପାଇ ଅଞ୍ଚଳର ବିଭିନ୍ନ ବ୍ୟକ୍ତିବିଶେଷ ଶୋକ ପ୍ରକାଶ କରିବା ସହିତ ତାଙ୍କ



ବାସବଭନରେ ପହଞ୍ଚି ଶେଷଦର୍ଶନ କରିଥିଲେ। ମୃତ୍ୟୁଶଯ୍ୟା ନିକଟରେ ପୁତ୍ର ବିଭୂତି ଭୂଷଣ ପୃଷ୍ଟି, ସୁଧାଂଶୁ ଭୂଷଣ ପୃଷ୍ଟି, ସତ୍ୟ ଭୂଷଣ ପୃଷ୍ଟି, କନ୍ୟା ନିବେଦିତା ପୃଷ୍ଟି ଓ ବିଦ୍ୟୁତ୍‌ଲତା ପୃଷ୍ଟି, ଜ୍ୱାଇଁ ଡ. ଅଜୟ୍ କୁମାର ମହାପାତ୍ର, ସ୍ତ୍ରୀ ସୁଷମା ରାଣୀ ପୃଷ୍ଟି, ନାତୁଣୀ, ନାତି ଏବଂ ବନ୍ଧୁପରିଜନ ଉପସ୍ଥିତ ଥିଲେ। ପୁରୀ ସ୍ୱର୍ଗଦ୍ୱାରଠାରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିଲା।

# କଳାକୃତି ଗ୍ରାମକୁ ଅଧିକ ଆକର୍ଷଣୀୟ କର



କେନ୍ଦ୍ରୀୟ ପ୍ରଭାରୀ ରଞ୍ଜନା ଚୋପ୍ରା କାଠଗଡା ଅର୍ବାନ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରୁଛନ୍ତି। ନିକଟରେ ଅଛନ୍ତି ଜିଲାପାଳ ସରୋଜ କୁମାର ସେଠୀ।

■କେନ୍ଦ୍ରୀୟ ପ୍ରଭାରୀ ଅଧିକାରୀଙ୍କ ଆକାଂକ୍ଷା ଜିଲା କାର୍ଯ୍ୟକ୍ରମ ସମୀକ୍ଷା

■ରାଜ୍ୟର ୧୦ ଆକାଂକ୍ଷା ଜିଲା ମଧ୍ୟରୁ ଢେଙ୍କାନାଳ ୩ୟ ସ୍ଥାନରେ

**ଢେଙ୍କାନାଳ ଅଫିସ,୧୨।୧୨**

କେନ୍ଦ୍ରୀୟ ପ୍ରଭାରୀ ଅଧିକାରୀ ତଥା ସଂସ୍କୃତି ମନ୍ତ୍ରାଳୟର ସଚିବ ରଞ୍ଜନା ଚୋପ୍ରା ନୀତି ଆୟୋଗ ଦ୍ୱାରା ୨୦୧୮ ମସିହାରୁ କାର୍ଯ୍ୟକାରୀ ହେଉଥିବା ଆକାଂକ୍ଷା ଜିଲା ଢେଙ୍କାନାଳକୁ ସୋମବାର ଗସ୍ତରେ ଆସି ବିଭିନ୍ନ କାର୍ଯ୍ୟକ୍ରମର ସମୀକ୍ଷା କରିଥିଲେ। ମଧ୍ୟାହ୍ନରେ ଜିଲା ପରିଷଦ ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ସେ ଆକାଂକ୍ଷା ଜିଲା ଅନ୍ତର୍ଗତ କାର୍ଯ୍ୟକ୍ରମର ମମତା ଯୋଜନାରେ ଗର୍ଭବତୀ ମହିଳା ଓ ଶିଶୁମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା, ପୁଷ୍ଟି ସାଧନ, ଯକ୍ଷ୍ମା ନିରାକରଣ, ପଶୁପାଳନ ଓ ସେମାନଙ୍କ ଆବଶ୍ୟକ ଚିକିତ୍ସା ବ୍ୟବସ୍ଥା, ବିଦ୍ୟାଳୟଗୁଡ଼ିକରେ ଶୌଚାଳୟ, ପାନୀୟଜଳ ଓ ବିଦ୍ୟୁତ୍ ଯୋଗାଣ ବ୍ୟବସ୍ଥା, କ୍ଷୁଦ୍ର ଜଳସେଚନ, ମୃତ୍ତିକା ପରୀକ୍ଷା ଓ ସଂରକ୍ଷଣ, ଫଳ ଓ ପନିପରିବା ଚାଷ, ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନାର କାର୍ଯ୍ୟକାରିତା, ଗ୍ରାମ ପଞ୍ଚାୟତରେ ଇଣ୍ଟରନେଟ ବ୍ୟବସ୍ଥା ଏବଂ ସ୍ଥାୟୀ ରାସ୍ତା ନିର୍ମାଣ ଆଦିର ସମୀକ୍ଷା କରିଥିଲେ। ରାଜ୍ୟର ୧୦ଟି ଆକାଂକ୍ଷା ଜିଲା ମଧ୍ୟରୁ ଢେଙ୍କାନାଳ ତୃତୀୟ ସ୍ଥାନ ଅଧିକାର କରିଥିବା କେନ୍ଦ୍ରୀୟ ପ୍ରଭାରୀ କହିଥିଲେ। ଏହି ବୈଠକରେ ଅଧ୍ୟକ୍ଷତା କରି ଜିଲାପାଳ ସରୋଜ କୁମାର ସେଠୀ, ଜିଲାରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଉନ୍ନୟନମୂଳକ ଯୋଜନା, ଅପହଞ୍ଚ ଅଞ୍ଚଳକୁ ଯୋଗାଯୋଗ ନିମନ୍ତେ ସୁଗମ କାର୍ଯ୍ୟକ୍ରମ, ଜନସାଧାରଣଙ୍କ ସମସ୍ୟା ଦୂର ନିମନ୍ତେ ସମାଧାନ କାର୍ଯ୍ୟକ୍ରମ, ସାକ୍ଷରତା ବୃଦ୍ଧି ପାଇଁ ଇଚ୍ ୱାନ୍ ଟିଚ୍ ୱାନ୍ କାର୍ଯ୍ୟକ୍ରମ, ବିଭିନ୍ନ ଭତ୍ତା ପ୍ରଦାନ ନିମନ୍ତେ ଭରସା ଯୋଜନା, ବାଲ୍ୟ ବିବାହ ରୋକିବା, ଶିଶୁ ଶ୍ରମିକ ଉଚ୍ଛେଦ, ପ୍ରତି ପଞ୍ଚାୟତରେ ତିଆରି ହେଉଥିବା ପ୍ରଶସ୍ତ ମାଟିରାସ୍ତା, ମଡେଲ ପୋଖରୀ, ରୁରାଲ ପାର୍କ, ଖେଳ ପଡିଆ ଆଦି ସମ୍ପର୍କରେ କେନ୍ଦ୍ରୀୟ ପ୍ରଭାରୀଙ୍କୁ ଅବଗତ କରାଇଥିଲେ। କେନ୍ଦ୍ରୀୟ ପ୍ରଭାରୀ ସଦର ବ୍ଲକ ସପ୍ତଶଯ୍ୟା ପଞ୍ଚାୟତର ସଦେଇବେରେଣୀ ନବଜୀବନପୁର କଳାକୃତି ଗ୍ରାମ ପରିଦର୍ଶନ କରି ଏହାକୁ ଯଥାଶୀଘ୍ର କାର୍ଯ୍ୟକାରୀ କରି ପର୍ଯ୍ୟଟକମାନଙ୍କୁ ଆକୃଷ୍ଟ କରିବା ପାଇଁ ପରାମର୍ଶ ଦେଇଥିଲେ। ଏଥିପୂର୍ବରୁ ପୂର୍ବାହ୍ନରେ କେନ୍ଦ୍ରୀୟ ପ୍ରଭାରୀ ଢେଙ୍କାନାଳ ସହରସ୍ଥିତ ବ୍ରଜନାଥ ବଡଜେନା ଶତାୟୁ ଶିକ୍ଷାନୁଷ୍ଠାନ ପରିଦର୍ଶନ କରି ସ୍ମାର୍ଟକ୍ଲାସ ଏବଂ ବନ ବିଦ୍ୟାଳୟରେ ହେଉଥିବା ପାଠପଢା ଦେଖି ସନ୍ତୋଷବ୍ୟକ୍ତ କରିଥିଲେ। ଶିକ୍ଷା ବିଭାଗର ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଜିଲା ଶିକ୍ଷା ଅଧିକାରୀ ନିବେଦିତା ପାଣି, ପ୍ରଧାନ ଶିକ୍ଷୟିତ୍ରୀ ବ୍ରହ୍ମୋତ୍ରୀ ବିଶ୍ୱାଳ ଏବଂ ପିଲାମାନଙ୍କ ସହିତ ଆଲୋଚନା କରିଥିଲେ। ପରେ ପୌରାଞ୍ଚଳର କାଠଗଡା ଆନନ୍ଦନଗରଠାରେ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର ବୁଲି ଦେଖିବା ସହିତ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଅଶୋକ କୁମାର ଦାଶ, ସ୍ୱାସ୍ଥ୍ୟ ମିଶନ ପରିଚାଳିକା ସୋନାଲି ପ୍ରିୟଦର୍ଶିନୀଙ୍କ ସହିତ ସ୍ୱାସ୍ଥ୍ୟକେନ୍ଦ୍ରର କାର୍ଯ୍ୟକାରିତା ସମ୍ପର୍କରେ ଆଲୋଚନା କରିଥିଲେ। କେନ୍ଦ୍ରୀୟ ପ୍ରଭାରୀଙ୍କ ଏହି ପରିଦର୍ଶନ ସମୟରେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତନ୍ମୟ କୁମାର ଦରୱାନ, ଯୋଜନା ଓ ପରିସଂଖ୍ୟାନ ବିଭାଗ ଉପନିର୍ଦ୍ଦେଶକ ସରୋଜ କୁମାର ସେଠୀ ଓ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ବୈଜ୍ଞାନିକ ଶେଷ କିଷାନଙ୍କୁ ସମ୍ବର୍ଦ୍ଧନା




ଓପିଏସ୍ କଲେଜ ପକ୍ଷରୁ ବୈଜ୍ଞାନିକ ଶେଷ କିଷାନଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି।

**ଢେଙ୍କାନାଳ ଅଫିସ,୧୨।୧୨**

ଢେଙ୍କାନାଳ ଜିଲା ହିନ୍ଦୋଳରୋଡସ୍ଥିତ ଓପିଏସ୍ କଲେଜ ପକ୍ଷରୁ ଓଡ଼ିଶାର ଯୁବ ପ୍ରତିଭା ଜର୍ମାନୀରେ ଗବେଷଣାରତ ବୈଜ୍ଞାନିକ ଶେଷ କିଷାନଙ୍କୁ ସୋମବାର ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ତାଙ୍କ ସହିତ ତାଙ୍କ ସହଧର୍ମିଣୀ ମଧ୍ୟ ଉପସ୍ଥିତ ଥିଲେ। ଏହି ଅବସରରେ ସେ ନିଜର ସଂଘର୍ଷମୟ ଜୀବନର ଚିତ୍ରଣ କରିବା ସହ କିପରି ଦୃଢ ଲକ୍ଷ୍ୟବଦ୍ଧ ଦ୍ୱାରା ଦାରିଦ୍ର୍ୟ ଓ ବହୁବିଧ ବାଧାକୁ ପ୍ରତିହତ କରି ଜ୍ଞାନ ଆହରଣର ଶୀର୍ଷ ସ୍ଥାନରେ ପହଞ୍ଚି ପାରିଛନ୍ତି ସେ ସମ୍ପର୍କରେ ଛାତ୍ରୀଛାତ୍ରମାନଙ୍କୁ ସମ୍ବୋଧିତ କରିଥିଲେ। ସଂଘର୍ଷମୟ ଜୀବନ ତାଙ୍କର ପ୍ରେରଣା ବୋଲି କହିଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ଶମ୍ଭୁପ୍ରସାଦ ପ୍ରଧାନ ଏଭଳି ବ୍ୟକ୍ତିତ୍ୱ ଆମ ସମସ୍ତଙ୍କ ପାଇଁ ପ୍ରେରଣା ସାଜିଛନ୍ତି ବୋଲି ମତ ଦେଇଥିଲେ। ମହାବିଦ୍ୟାଳୟର ଶତାଧିକ ଛାତ୍ରୀଛାତ୍ରଙ୍କ ସମେତ ଅଧ୍ୟାପକ ତପନ କୁମାର ପଣ୍ଡା, ନୀଳକଣ୍ଠ ଦାସ, ଡ. ଦେବାନନ୍ଦ ଦାସ ଓ ଗୁରୁଚରମ ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ।

## ନବକିଶୋର ରାଜ୍ୟ ସଭାପତି

**ଢେଙ୍କାନାଳ ଅଫିସ,୧୨।୧୨**



ନବକିଶୋର ଗୁରୁ

କାପୁଡିଆ ସମାଜ ଓଡ଼ିଶାର ନୂତନ ସଭାପତି ଭାବେ ଆଇନଜୀବୀ ନବ କିଶୋର ଗୁରୁ ଦାୟିତ୍ୱ ନେଇଥିବା ସୋମବାର ସୂଚନା ଦେଇଛନ୍ତି। ରାଜ୍ୟ ସଭାପତି ବାସୁଦେବ ବେହେରାଙ୍କ ପରଲୋକ ହେବାପରେ ଢେଙ୍କାନାଳର ବରିଷ୍ଠ ଆଇନଜୀବୀ ନବକିଶୋର ଗୁରୁଙ୍କୁ ରାଜ୍ୟ ସଭାପତି ଦାୟିତ୍ୱ ପ୍ରଦାନ କରାଯାଇଛି। ଜିଲାର ହିନ୍ଦୋଳ ବ୍ଲକ ରାସୋଲଠାରେ କାପୁଡିଆ ସମାଜର ଏକ ପ୍ରସ୍ତୁତି ବୈଠକ ଗତ ୮ ତାରିଖରେ ଅନୁଷ୍ଠିତ ହୋଇଯାଇଛି ।

## କେନ୍ଦ୍ର ବୈମାତୃକ ମନୋଭାବର ପ୍ରତିବାଦ

**ଢେଙ୍କାନାଳ ଅଫିସ,୧୨।୧୨**

ଅଲ୍ ଓଡ଼ିଶା ଇପିଏଫ୍ ପେନସନ ଆସୋସିଏଶନ ଢେଙ୍କାନାଳ ଜିଲା ଶାଖାର କାର୍ଯ୍ୟକାରିଣୀ ବୈଠକ ଶନିବାର ଦଧିବାବନ ମଠ ପ୍ରାଙ୍ଗଣରେ ଜିଲା ସଭାପତି ଜ୍ୟୋତି ରଞ୍ଜନ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ର ସରକାର ଇପିଏଫ୍ ପେନସନଭୋଗୀମାନଙ୍କ ପ୍ରତି ବୈମାତୃକ ମନୋଭାବ ପ୍ରଦର୍ଶନ କରୁଥିବାରୁ ସମଗ୍ର ଦେଶରେ ଏହାର ପ୍ରତିବାଦରେ ଆନ୍ଦୋଳନ ଚାଲୁ ରହିଛି। ଗତ ୭ ଓ ୮ ତାରିଖରେ ଦିଲ୍ଲୀର ରାମଲୀଳା ମୈଦାନରେ ଏବଂ ଯନ୍ତରମନ୍ତର ଠାରେ ପ୍ରାୟ ୧୦ ହଜାର ପେନସନଭୋଗୀ ଏକତ୍ରିତ ହୋଇ ପ୍ରଧାନମନ୍ତ୍ରୀ, କେନ୍ଦ୍ର ଶ୍ରମମନ୍ତ୍ରୀ ଓ ଇପିଏଫ୍ ସଙ୍ଗଠନର କମିଶନରଙ୍କୁ ସର୍ବନିମ୍ନ ମାସିକ ପେନସନ ସହ ଚିକିତ୍ସା ସୁବିଧା ଦେବା ପାଇଁ ଦାବିପତ୍ର ପ୍ରଦାନ କରାଯାଇଥିଲା। ଏ ସମ୍ପର୍କରେ ଆଲୋଚନା ପାଇଁ ଜିଲା ଶାଖା ପକ୍ଷରୁ ଏକ ସାଧାରଣ ବୈଠକ ଆସନ୍ତା ୧୮ ତାରିଖରେ ସ୍ଥାନୀୟ ଲେଖକ ସଂସଦ ପରିସରରେ ଅନୁଷ୍ଠିତ ହେବ ବୋଲି ସୂଚନା ଦିଆଯାଇଥିଲା। ଏଥିରେ ସର୍ବଭାରତୀୟ ଉପସଭାପତି ଭାଗ୍ୟଧର ବ୍ରହ୍ମଙ୍କ ସହ ରାଜ୍ୟସ୍ତରୀୟ ନେତୃମଣ୍ଡଳି ଯୋଗ ଦେବେ। ବୈଠକରେ ଉପସଭାପତି ହୃଦାନନ୍ଦ ପ୍ରଧାନ, ଶରତ କୁମାର ରଥ, ସମ୍ପାଦକ ସଦାଶିବ ମିଶ୍ର, ଯୁଗ୍ମ ସମ୍ପାଦକ ଉମାଶଙ୍କର ଦାସ, ଗୋଲକ ବରାଳ, କୋଷାଧ୍ୟକ୍ଷ ନେତ୍ରାନନ୍ଦ ସାହୁ, କାର୍ଯ୍ୟକାରିଣୀ ସଦସ୍ୟ ରମେଶଚନ୍ଦ୍ର ସାମଲ, ପଠାଣି ପୃଷ୍ଟି, ନିରୋଦ ପଟ୍ଟନାୟକ, ବାଇଧର ଚକ୍ର, ଗୋପୀନାଥ ଜେନା, ବାସୁଦେବ ଦେହୁରୀ, ଧ୍ରୁବ ନାୟକ, ପ୍ରଫୁଲ୍ଲ ପରିଡା ପ୍ରମୁଖ ଯୋଗ ଦେଇଥିଲେ ।




ଇପିଏଫ୍ ପେନସନ ଆସୋସିଏସନ ଢେଙ୍କାନାଳ ଶାଖାର ବୈଠକ।

## ବିଶାଲ ଚାମ୍ପିୟନ, ପଦିଲାମ୍ ରନର୍ସଅପ୍



ଉଦ୍‌ଯାପନୀ ଦିବସରେ ଅତିଥିଙ୍କ ସହ କୃତୀ ପ୍ରତିଯୋଗୀମାନେ।

**ଢେଙ୍କାନାଳ ଅଫିସ,୧୨।୧୨**

### ଜିଲ୍ଲା ଚେସ୍ ପ୍ରତିଯୋଗିତା ଉଦ୍‌ଯାପିତ

ଢେଙ୍କାନାଳ ଜିଲା ଚେସ୍ ସଂଘ ପକ୍ଷରୁ ସ୍ଥାନୀୟ ଗୋପବନ୍ଧୁ ଟାଉନହଲ ଠାରେ ଦୁଇଦିନ ଧରି ଅନୁଷ୍ଠିତ ଜିଲା ଚେସ୍ ପ୍ରତିଯୋଗୀତା ରବିବାର ଉଦ୍‌ଯାପିତ ହୋଇଯାଇଛି। ପ୍ରତିଯୋଗୀତାରେ ବିଶାଲ ପଟ୍ଟନାୟକ ଚାମ୍ପିୟନ ହୋଇଥିବା ବେଳେ ପଦିଲାମ୍ ଯଶବନ୍ତ ରନର୍ସଅପ୍ ହୋଇଥିଲେ। ସୂର୍ଯ୍ୟପ୍ରାଞ୍ଜଳ ଇନ୍ଦ୍ରଜିତ, ଏସ୍‌ପି ମୁନା ବେହେରା, ରାଇମୋହନ ପୂର୍ତ୍ତି, ରତୁଶ୍ରୀ ରତ୍ନପ୍ରଭା ସାହୁ, ଅଂଶୁମାନ ଭଞ୍ଜ, ଅମୃତାଂଶୁ ଭଞ୍ଜ, ଶୁଭମ ପଣ୍ଡା ଓ ସୁରଜ ଦେହୁରୀ ପ୍ରମୁଖ ତୃତୀୟରୁ ୧୦ମ ସ୍ଥାନର ବିଜେତା ହୋଇଥିଲେ। ସେହିପରି ୭ବର୍ଷରୁ କମ୍ ବାଳକ ବର୍ଗରେ ପୀୟୂଷରାଜ ପରିଡା, ୯ବର୍ଷରୁ କମ୍ ବାଳିକା ବର୍ଗରେ ତନଭି ମିଶ୍ର ଓ ବାଳକ ବର୍ଗରେ ସତ୍ୟରଞ୍ଜନ ପୃଷ୍ଟି, ୧୧ବର୍ଷରୁ କମ୍ ବାଳକ ବର୍ଗରେ ପ୍ରଭୁଦତ ପଣ୍ଡା, ୧୩ ବର୍ଷରୁ କମ୍ ବାଳକ ବର୍ଗରେ ତେଜସ୍ୱୀ ସାଶ୍ୱତ ମହାପାତ୍ର ନିଜ ନିଜ ବର୍ଗରେ ଚାମ୍ପିୟନ ହୋଇଥିଲେ । ସାନଭି ମିଶ୍ର ଓ ଜାନକୀ ମିଶ୍ରଙ୍କୁ ସାନ୍ତ୍ୱନାମୂଳକ ପୁରସ୍କାର ପ୍ରଦାନ କରାଯାଇଥିଲା। ଉଦ୍‌ଯାପନୀ ଉତ୍ସବରେ ସାମାଜିକ କର୍ମୀ ଗଙ୍ଗାଧର ସାମଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ। ରାଜ୍ୟ ଚେସ୍ ସଂଘର ପୂର୍ବତନ ସମ୍ପାଦକ କୃଷ୍ଣକାନ୍ତ ଶର୍ମା ଓ ବର୍ତ୍ତମାନର ଉପସଭାପତି ବସନ୍ତ କୁମାର ଦାସ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ରାଜ୍ୟ ଚେସ୍ ସଂଘ ସମ୍ପାଦକ ଦେବବ୍ରତ ଭଞ୍ଜ, ଜିଲା ଚେସ୍ ସଂଘ ଉପସଭାପତି ଲକ୍ଷ୍ମୀ ପ୍ରସାଦ ପଟ୍ଟନାୟକ ଓ ସହ ସମ୍ପାଦକ ଅଶୋକ କୁମାର ମିଶ୍ରଙ୍କୁ ଓଡ଼ିଶାରେ ଚେସ୍‌ର ପ୍ରସାର କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା। ଉଦ୍‌ଯାପନ ଉତ୍ସବକୁ ସଦସ୍ୟ ଗୋପାଳଚନ୍ଦ୍ର ପାତ୍ର ସଂଯୋଜନା କରିଥିବା ବେଳେ କାର୍ଯ୍ୟକାରୀ ସଭାପତି ଅକ୍ଷୟ କୁମାର ମହାନ୍ତି ସଭାପତିତ୍ୱ କରିଥିଲେ। ଉପସଭାପତି ବିଜୟଚନ୍ଦ୍ର ମହାପାତ୍ର ଧନ୍ୟବାଦ ପ୍ରଦାନ କରିଥିଲେ। ଏହି ପ୍ରତିଯୋଗିତାରେ ଜିଲାର ବିଭିନ୍ନ ବର୍ଗର ପ୍ରାୟ ୫୪ଜଣ ପ୍ରତିଯୋଗୀ ଭାଗ ନେଇଥିଲେ।

## ସ୍ୱତନ୍ତ୍ର ମହିଳା ରକ୍ତଦାନ ଶିବିର

**ଢେଙ୍କାନାଳ ଅଫିସ,୧୨।୧୨**

ଢେଙ୍କାନାଳର ବଜରଙ୍ଗ କ୍ଲବ ଦ୍ୱାରା ୪ର୍ଥ ସ୍ୱତନ୍ତ୍ର ମହିଳା ରକ୍ତଦାନ ଶିବିର ଦେଉଳସାହିସ୍ଥିତ ବଜରଙ୍ଗ କ୍ଲବ ପରିସରରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ୫୬ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ଏହି ଶିବିରକୁ ଜିଲା ପରିଷଦ ସଭାପତି ଅର୍ଚ୍ଚନା ପୁହାଣ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବେ ସଦର ଉପଜିଲାପାଳ ସ୍ନିଗ୍ଧାରାଣୀ ଧଳ ଯୋଗଦେଇ ରକ୍ତଦାନ କରି ଉପସ୍ଥିତ ମହିଳାମାନଙ୍କ ପାଇଁ ପ୍ରେରଣା ସାଜିବା ସହ ରକ୍ତଦାନ କରିବା ପାଇଁ ଉତ୍ସାହିତ କରିଥିଲେ। ସମ୍ମାନିତ ଅତିଥି ଭାବେ ପୌରପରିଷଦ ୨୦ନଂ. ୱାର୍ଡ କାଉନସିଲର ରୋଜାଲିନ ସାହୁ ଓ କଙ୍କଡାହାଡ ସମିତିସଭ୍ୟା ରାଧା ବେହେରା ଯୋଗଦାନ କରି ରକ୍ତଦାନ କରିଥିଲେ। ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷୟିତ୍ରୀ ଦୀପ୍ତିମୟୀ ଲେଙ୍କା, ୧୨ନଂ ୱାର୍ଡ କାଉନସିଲର ଶୁଭଲକ୍ଷ୍ମୀ ସାହୁ, ରକ୍ତଦାତା ଅନୁପ୍ରେରକ ସଂଘ ସଭାପତି ବିରଞ୍ଚି ନାରାୟଣ ପାଣି ଓ ପୌରପରିଷଦ ଉପାଧ୍ୟକ୍ଷ ପ୍ରକାଶ ଚନ୍ଦ୍ର କୁଅଁର ଉପସ୍ଥିତ ଥିଲେ। ଢେଙ୍କାନାଳ ରକ୍ତଭଣ୍ଡାରର ଟେକ୍ନିସିଆନ୍ ପରମାନନ୍ଦ ପଣ୍ଡା, ତପନ କୁମାର ଜେନା, ଅଜୟ କୁମାର ସ୍ୱାଇଁ, ବରୁଣ କୁମାର ସ୍ୱାଇଁ ସହଯୋଗ କରିଥିଲେ। ବଜରଙ୍ଗ କ୍ଲବ ସମ୍ପାଦକ ଶୁଭେନ୍ଦୁ କୁମାର ଷଡଙ୍ଗୀ, କୋଷାଧ୍ୟକ୍ଷ ପ୍ରିୟବ୍ରତ ସାସମଲ୍, ସୁବ୍ରତ ଦାସ, ଦେବାଶିଷ ମିଶ୍ର, ମହିଳା ସଭ୍ୟ ପ୍ରଣତି ମିଶ୍ର, ସସ୍ମିତା ମାଝି, ସମୀକ୍ଷା ନନ୍ଦ, ରୁଦ୍ରାକ୍ଷ ମୁଦୁଲି, ହରପ୍ରିୟା ମହାପାତ୍ର, ସୁନନ୍ଦା ରାଉଳ, ରାଜନନ୍ଦିନୀ ହୋତା, ସଭ୍ୟ ବିଶ୍ୱଜିତ ବେହେରା, ପ୍ରକାଶ ବେହେରା, ସ୍ମାରକ ରଞ୍ଜନ ଦାସ, ରାଜେଶ ବେହେରା, ସନ୍ଦୀପ କୁମାର ପଣ୍ଡା, ଶଶିଭୂଷଣ ପରିଡା, ରବୀନ୍ଦ୍ର ସୋନି, ଚିନ୍ମୟାନନ୍ଦ ନାଥ, ଶୁଭମ୍ ଗୁରୁମ୍, ପ୍ରୀତମ୍ ମହାନ୍ତି, ଦେବାଶିଷ ନାୟକ ପ୍ରମୁଖ ରକ୍ତଦାନ ଶିବିରକୁ ପରିଚାଳନା କରିଥିଲେ।



ସ୍ୱତନ୍ତ୍ର ମହିଳା ରକ୍ତଦାନ ଶିବିରରେ ରକ୍ତ ସଂଗ୍ରହ କରାଯାଉଛି।

## ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ସମ୍ବର୍ଦ୍ଧନା

**ଢେଙ୍କାନାଳ ଅଫିସ,୧୨।୧୨**

### ଓଏସ୍ଏପି ପ୍ରଥମ ବାଟାଲିୟନର ବାର୍ଷିକୋତ୍ସବ

ଢେଙ୍କାନାଳ ସହର ଉପକଣ୍ଠ ସରଖିଆସ୍ଥିତ ଓଡ଼ିଶା ସ୍ୱତନ୍ତ୍ର ସଶସ୍ତ୍ର ଆରକ୍ଷୀ ବାହିନୀ ପ୍ରଥମ ବାଟାଲିୟନ୍ ପରିସରରେ ହାବିଲଦାର ଓ ସିପାହୀ ଶାଖା ସଂଘର ୩୯ତମ ବାର୍ଷିକୋତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ମୁଖ୍ୟ ଅତିଥି ଭାବେ ଖଣି, ଇସ୍ପାତ ଓ ପୂର୍ତ୍ତ ବିଭାଗ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ, ମୁଖ୍ୟବକ୍ତା ଭାବେ ପରଜଙ୍ଗ ବିଧାୟକ ଡା. ନୃସିଂହ ଚରଣ ସାହୁ, ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ସଭାପତି ଅର୍ଚ୍ଚନା ପୁହାଣ, ଜିଲାପାଳ ସରୋଜ କୁମାର ସେଠୀ, ଦୁର୍ଗପତି ସୁନୀଲ କୁମାର ବେହେରା, ସଦର ବ୍ଲକ ଅଧ୍ୟକ୍ଷା ରାଜଶ୍ରୀ ନାୟକ, ସଦର ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁଧୀର କୁମାର ନାୟକ ପ୍ରମୁଖ ଯୋଗ ଦେଇଥିଲେ। ଶାଖା ସଂଘ ସଭାପତି ବିଶ୍ୱଭୂଷଣ ବିଶ୍ୱାଳ ସଭାପତିତ୍ୱ କରିଥିଲେ। ସମ୍ପାଦକ ଅଭିଷେକ ମିଶ୍ର ବିବରଣୀ ପାଠ କରିଥିଲେ। ଓଡ଼ିଶା ପୋଲିସର ବିଭିନ୍ନ ବିଭାଗରେ ଖ୍ୟାତି ଅର୍ଜନ କରିଥିବା ହାବିଲଦାର ମାନସ ରଞ୍ଜନ ସାହୁ, ତରଣୀସେନ ମହନ୍ତ, ମନୋଜ କୁମାର ଭୋଇ ଓ ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ଓଡ୍ରାଫ୍ ଟିମ୍‌କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶାଖା ସଂଘର ନୂତନ ଗୃହକୁ ଅତିଥିମାନେ ଉଦ୍‌ଘାଟନ କରିଥିଲେ। ଶାଖା ସଂଘର ମନୋଜ କୁମାର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଉତ୍ସବରେ ଶାଖାସଂଘର ସମସ୍ତ କର୍ମକର୍ତ୍ତା, ବାଟାଲିୟନର ସମସ୍ତ ଅଫିସର ଓ ଫୋର୍ସ ତଥା ଢେଙ୍କାନାଳ ଜିଲାର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇ ଉତ୍ସବକୁ ସଫଳ କରାଇଥିଲେ। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ ହୋଇଥିଲା।



ଓଏସ୍ଏପି ପ୍ରଥମ ବାଟାଲିୟନର ୩୯ତମ ବାର୍ଷିକୋତ୍ସବ ଅବସରରେ ମଞ୍ଚାସୀନ ଅତିଥିମାନେ।

## ପରିବା ମାର୍କେଟ ପରିବେଶ ଅସ୍ୱାସ୍ଥ୍ୟକର

### ସମାଧାନ ପାଇଁ ଏଏପି ପକ୍ଷରୁ ଦାବିପତ୍ର ପ୍ରଦାନ

**ଢେଙ୍କାନାଳ ଅଫିସ,୧୨।୧୨**

ଢେଙ୍କାନାଳ ସହର ରଥଗଡା ପରିବା ମାର୍କେଟ ଅସ୍ୱାସ୍ଥ୍ୟକର ପରିବେଶ ମଧ୍ୟରେ ରହିଛି। ଏହି ସମସ୍ୟାର ସମାଧାନ କରିବା ପାଇଁ ସୋମବାର ଏଏପି ପକ୍ଷରୁ ଜିଲା ଆବାହକ ପଙ୍କଜ ନାୟକଙ୍କ ନେତୃତ୍ୱରେ ପୌରାଞ୍ଚଳର ଦଳୀୟ କର୍ମକର୍ତ୍ତା ପରିବା ମାର୍କେଟ ପରିଦର୍ଶନ କରି ଜିଲା ପ୍ରଶାସନକୁ ୯ଦଫା ଦାବିପତ୍ର ପ୍ରଦାନ କରିଥିଲେ।

ଅଭିଯୋଗରୁ ଜଣାପଡିଛି, ପରିବା ମାର୍କେଟ ମଧ୍ୟରେ ଲକ୍ଷାଧିକ ଟଙ୍କା ବ୍ୟୟରେ ମହିଳା ଓ ପୁରୁଷଙ୍କ ପାଇଁ ନିର୍ମିତ ଶୌଚାଳୟ ଶୋଚନୀୟ ଅବସ୍ଥାରେ ଥିବାରୁ ତାହା ବ୍ୟବହାରରେ ଲାଗିପାରୁ ନାହିଁ। ସେହିପରି କ୍ୟାଣ୍ଟିନରେ ତାଲା ଝୁଲୁଛି। ସହର ବାହାରୁ ପ୍ରତିଦିନ ବହୁ ସଂଖ୍ୟାରେ ପରିବା ବ୍ୟବସାୟୀ ଏବଂ



ଏଏପି ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଉଛି।

ଚାଷୀ ବ୍ୟବସାୟ ପାଇଁ ଆସୁଥିଲେ ହେଁ କ୍ୟାଣ୍ଟିନର ସଦୁପଯୋଗ ହୋଇପାରୁନାହିଁ। ବ୍ୟବସାୟୀମାନଙ୍କ ବଳକା ପନିପରିବା ରଖିବା ପାଇଁ ଶୀତଳଭଣ୍ଡାର କାର୍ଯ୍ୟକ୍ଷମ ନ ହୋଇ ଭଡା ସୂତ୍ରରେ ଲାଗିଛି। ଉଠା ପନିପରିବା ବ୍ୟବସାୟୀ ରାସ୍ତା ଉପରେ ବସୁଥିବାରୁ ଟ୍ରାଫିକ ସମସ୍ୟା ଦେଖାଦେଉଛି। ଗାଡ଼ି ପାର୍କିଂ ବ୍ୟବସ୍ଥା ନାହିଁ। ପରିବା ମାର୍କେଟ ମଧ୍ୟରେ ଥିବା ବିଦ୍ୟୁତ୍ ଟ୍ରାନ୍ସଫର୍ମର ସୁରକ୍ଷା ବାଡ ନ ଥିବାରୁ ବିପଦ ଆଶଙ୍କା ରହିଛି। ଅସାମାଜିକ କାର୍ଯ୍ୟକଳାପ ରୋକିବା ପାଇଁ ସିସିଟିଭି କ୍ୟାମେରାର ବ୍ୟବସ୍ଥା ନାହିଁ। ବିଭିନ୍ନ ସ୍ଥାନରେ କୁଢକୁଢ ଅଳଆ ପଡିରହି ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହୋଇଛି। ଅସ୍ଥାୟୀ ଛପରଘର ନ ଥିବାରୁ ଖରା, ବର୍ଷା, ଶୀତ କାକରରେ ବ୍ୟବସାୟୀ ଓ ଚାଷୀମାନେ ତଳେ ବସି ପରିବା ବିକ୍ରି କରୁଛନ୍ତି। ଏ ସମସ୍ତ ସମସ୍ୟାର ସମାଧାନ ପାଇଁ ଏଏପି ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଜିଲା ମହିଳା ସଭାପତି ସ୍ନେହଲତା ମହାନ୍ତି, ଜିଲା ଉପସଭାପତି ବିକ୍ରମ ରାଉତ, କୋଷାଧ୍ୟକ୍ଷ ଶରତ ଚନ୍ଦ୍ର ଗିରି, କାର୍ଯ୍ୟକାରୀ ସଦସ୍ୟ ବିଭୁ ରଞ୍ଜନ ସାହୁ, ଚିନ୍ମୟ ସେନାପତି, ଜିତେନ୍ଦ୍ର ବେହେରା, ଜନରଞ୍ଜନ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

## ସ୍କୁଟି ଜବତ, ଜଣେ ଗିରଫ

ବଇଣ୍ଡା,୧୨।୧୨(ଡି.ଏନ.ଏ.): ମଦ୍ୟପାନ କରି ସ୍କୁଟି ଚଳାଇବା ଅଭିଯୋଗରେ ସୋମବାର ଠାକୁରଗଡ଼ ପୋଲିସ ପଥରଗୁଞ୍ଜା ଗ୍ରାମର ତ୍ରିପୁରା ପ୍ରଧାନଙ୍କୁ ଗିରଫ କରିଛି। ପୋଲିସ କହିଛି, ତ୍ରିପୁରା ମଦ୍ୟପାନ କରି ତାଙ୍କ ସ୍କୁଟି ଯୋଗେ ଘରକୁ ଯାଉଥିବାବେଳେ ପୋଲିସ ଯାଞ୍ଚ କରି ତାଙ୍କୁ ଗିରଫ କରିଥିଲା। ଏଥିସହିତ ତାଙ୍କ ସ୍କୁଟି ଜବତ କରାଯାଇଛି। ଏ ନେଇ ନମ୍ବର ୩୨୩/୨୨ରେ ଏକ ମାମଲା ରୁଜୁ ହୋଇଛି।

**ସଂକ୍ଷେପରେ**

## ଚୋରା କୋଇଲା ଜବତ, ୩ ଗିରଫ

ଅନୁଗୋଳ ଅଫିସ, ୧୨।୧୨- ଅନୁଗୋଳ ସଦର ଥାନା ନତଡ଼ା ଗ୍ରାମରୁ ଚୋରା କୋଇଲା ଚାଲାଣ ହେଉଥିବା ସମୟରେ ପୋଲିସ ତାହାକୁ ଜବତ କରିଛି। ସୋମବାର ଭୋର ସମୟରେ ନତଡ଼ାରୁ ଏହି ଚୋରା କୋଇଲା ନରସିଂହପୁର କୋଇଲା କରାଯାଉଥିଲା। ଖବରପାଇ ସଦର ଥାନା ଅଧିକାରୀ ସତ୍ୟବ୍ରତ ଭୋଇ ଚଢ଼ାଉ କରି ଟ୍ରକ୍ (ନଂ ଓଡି୧୯ଏଫ-୮୩୩୩) ସହ ୮ ଟନ କୋଇଲା ଜବତ କରିଛନ୍ତି। ଏ ନେଇ ସଦର ଥାନାରେ ନଂ. ୯୯୧/୨୨ରେ ମାମଲା ରୁଜୁ ସହ ୩ ଜଣଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ଢେଙ୍କାନାଳ ଜିଲା ସଦର ଥାନା କିଆମିଳି ଗ୍ରାମର ସିଦ୍ଧେଶ୍ୱର ଦେହୁରୀ(୪୬), ଅନୁଗୋଳ ଥାନା ଘୁଆଁପାଳ ଅଞ୍ଚଳର ଗିରିଶ ନାଏକ(୪୫) ଓ ରାଜେଶ ନାଏକ(୨୦)।

## ଅବକାରୀ ଚଢ଼ାଉ, ୫ ଗିରଫ

ବଇଣ୍ଡା,୧୨।୧୨(ଡି.ଏନ.ଏ.)- ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଥାନା ଅଞ୍ଚଳର ବିଭିନ୍ନ ଗ୍ରାମରେ ସୋମବାର ଆଠମଲ୍ଲିକ ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ଚୋରା ଦେଶୀ ମହୁଲି ମଦ ଜବତ କରାଯାଇଛି। ଏହି ଘଟଣାରେ କରଡାବାହାଲୀ ଗ୍ରାମର ବୁଲା ବେହେରା, ସୁବାସ ବେହେରା, କପିଳ ଭୋଇ, ଦୀନବନ୍ଧୁପୁର ଗ୍ରାମର ପ୍ରଫୁଲ୍ଲ ଭୋଇ, ସାନହୁଲା ଅଞ୍ଚଳର ଧନେଶ୍ୱର ବେହେରାଙ୍କୁ ଗିରଫ କରାଯାଇଛି। ସେମାନେ ଘରେ ବେଆଇନ ଭାବେ ଚୋରାରେ ମଦ ବିକ୍ରି କରୁଥିବା ଖବରପାଇ ଆଠମଲ୍ଲିକ ଅବକାରୀ ବିଭାଗ ଟିମ୍ ଚଢ଼ାଉ କରିଥିଲା।

## କାର ଧକ୍କାରେ ବୃଦ୍ଧ ମୃତ

କାମାକ୍ଷାନଗର,୧୨।୧୨(ଡି.ଏନ.ଏ.): ଢେଙ୍କାନାଳ ଜିଲା କାମାକ୍ଷାନଗର ଥାନା ୫୩ ନଂ. ଜାତୀୟ ରାଜପଥର ବଡ଼ସୁଆଁଳୋ ଗ୍ରାମ ନିକଟରେ କାର ଧକ୍କାରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ହୋଇଛି। ସେ ହେଲେ ବଡ଼ସୁଆଁଳୋ ଗ୍ରାମର ଦୁର୍ଯ୍ୟୋଧନ ଖୁଣ୍ଟିଆ (୭୨)। ଦୁର୍ଯ୍ୟୋଧନ ଗ୍ରାମ ଛକରୁ ପରିବା ନେଇ ଘରକୁ ଫେରୁଥିବାବେଳେ କାମାକ୍ଷାନଗରରୁ ଭୁବନ ଅଭିମୁଖେ ଆସୁଥିବା ଏକ କାର୍ ତାଙ୍କୁ ଧକ୍କା ଦେଇଥିଲା। ସ୍ଥାନୀୟ ଲୋକେ ତାଙ୍କୁ କାମାକ୍ଷାନଗର ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଦୁର୍ଘଟଣା ପରେ ପୋଲିସ କାର ଚାଳକଙ୍କୁ ଅଟକ ରଖି ତଦନ୍ତ ଚଳାଇଛି।

## ଅଙ୍ଗନୱାଡ଼ି କର୍ମୀଙ୍କ ବିକ୍ଷୋଭ

ପାଲଲହଡା,୧୨।୧୨(ଡି.ଏନ.ଏ.): ୮ ଦଫା ଦାବିରେ ଭାରତୀୟ ମଜଦୁର ସଂଘ ଦ୍ୱାରା ପରିଚାଳିତ ଅଲ୍ ଓଡିଶା ଅଙ୍ଗନୱାଡ଼ି ୱାର୍କର୍ସ ଆସୋସିଏଶନ ତରଫରୁ ସୋମବାର ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ପାଲଲହଡା ଉପଖଣ୍ଡ ସ୍କୁଲ ସାହି ସ୍ଥିତ ଆମ୍ବେଡକର ପ୍ରତିମୂର୍ତ୍ତିଠାରୁ ଅଙ୍ଗନୱାଡ଼ି କର୍ମୀମାନେ ଏକ ଶୋଭାଯାତ୍ରାରେ ବାହାରି ପାଲଲହଡା ସହର ପରିକ୍ରମା କରି ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଅଙ୍ଗନୱାଡ଼ି କର୍ମୀଙ୍କୁ ୧୮ ହଜାର ଟଙ୍କା, ସହାୟିକାମାନଙ୍କୁ ୯ ହଜାର ଟଙ୍କା ଦରମା, ମିନି ଅଙ୍ଗନୱାଡ଼ି ଉଚ୍ଛେଦ, ଅବସରକାଳୀନ ୫ ଲକ୍ଷ ଟଙ୍କା ସହାୟତା ଓ ମାସିକ ୫ ହଜାର ଟଙ୍କା ପେନ୍‌ସନ ପ୍ରଦାନ, ଯୋଗ୍ୟତା ଭିତ୍ତିରେ କର୍ମୀମାନଙ୍କୁ ପଦୋନ୍ନତି ଆଦି ଦାବି କରାଯାଇଥିଲା। ପରେ ଉପଜିଲାପାଳଙ୍କ ଅନୁପସ୍ଥିତିରେ ପାଲଲହଡା ତହସିଲଦାର ଲମ୍ବୋଦର ମାରାଣ୍ଡିଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା।

## ୪ ଟ୍ରକ୍ ଜବତ, ୪ ଗିରଫ

ଅନୁଗୋଳ ଅଫିସ, ୧୨।୧୨- ଅନୁଗୋଳ ଜିଲା କୋଲିୟରୀ ଥାନା ଅଞ୍ଚଳରେ ଥିବା ଏକ ଖଣିରୁ କୋଇଲା ଚୋରି କରୁଥିବା ସମୟରେ ୪ ଜଣଙ୍କୁ ଓଡ଼ିଶା ଇଣ୍ଡଷ୍ଟ୍ରି ସୁରକ୍ଷା କର୍ମୀ କାବୁ କରିଛନ୍ତି। ଏ ନେଇ ଖଣିର ପ୍ରୋଜେକ୍ଟ ଅଧିକାରୀ ମକରାନନ୍ଦ ମାଝିଙ୍କ ଲିଖିତ ଅଭିଯୋଗକ୍ରମେ ପୋଲିସ ନଂ. ୬୬୦/୨୨ରେ ମାମଲା ରୁଜୁ କରି ୪ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫମାନେ ହେଲେ ପୁରୁଣାକୋର୍ଟ ଅଞ୍ଚଳର ବୈରାଗୀ ଦେହୁରୀ(୨୫), ସୁମନ୍ତ ପ୍ରଧାନ(୩୨), ଜରପଡ଼ା ଅଞ୍ଚଳର ଦିବ୍ୟରଞ୍ଜନ ସାହୁ(୨୦) ଓ ରେଢ଼ାଖୋଲ ଅଞ୍ଚଳର ବିଚିତ୍ରନନ୍ଦ ସାହୁ(୨୪)। ଏଥିସହ ସେମାନଙ୍କ ନିକଟରୁ ୪ଟି ଟ୍ରକ ଜବତ କରାଯାଇଥିବା ଥାନାଧିକାରୀ ରାଜେନ୍ଦ୍ର ନାରାୟଣ ପଟ୍ଟନାୟକ ସୂଚନା ଦେଇଛନ୍ତି।

## ଯାଞ୍ଚ ବେଳେ ବାହାରିଲା ମାରଣାସ୍ତ୍ର

ଅନୁଗୋଳ ଅଫିସ, ୧୨।୧୨- ନାଲ୍‌କୋ ଥାନା କନିଆବେଡ଼ା ଗ୍ରାମର ଅନିଲ ସାହୁଙ୍କ ଘରେ ବ୍ରାଉନସୁଗାର ଯାଞ୍ଚ ବେଳେ ଅନୁଗୋଳ ଅବକାରୀ ବିଭାଗର ନଂ-୧ କାର୍ଯ୍ୟାଳୟର କର୍ମଚାରୀମାନେ ଗୋଟିଏ ଦେଶୀ ବନ୍ଧୁକ, ୧୮ଟି ମୋବାଇଲ, ଗୋଟିଏ ଲାପ୍‌ଟପ୍ ଜବତ କରିଛନ୍ତି। ଏ ନେଇ ନାଲକୋ ଥାନାରେ ନଂ. ୨୬୧/୨୨ରେ ମାମଲା ରୁଜୁ ହୋଇଛି।

# ସର୍ଭିସ ରାସ୍ତା ଦାବିରେ ରାଜପଥ ଅବରୋଧ

- ପ୍ରତିଶ୍ରୁତି ପରେ ହଟିଲା ରାସ୍ତାରୋକୋ
- ବିଡିଓ, ଉପଜିଲାପାଳଙ୍କୁ ଦାବିପତ୍ର



ପରଜଙ୍ଗ,୧୨।୧୨(ଡି.ଏନ.ଏ.)

ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ ସରାଙ୍ଗ ପଞ୍ଚାୟତ ଜଟିଆ ଛକରେ ସର୍ଭିସ ରାସ୍ତା ନିର୍ମାଣ ଦାବିରେ ସୋମବାର ଜଟିଆ ଯୁବ ସଂଗଠନ ପକ୍ଷରୁ ରାଜପଥ ଅବରୋଧ କରାଯାଇଥିଲା। ବହୁବାର ପ୍ରଶାସନ ନିକଟରେ ଏଥିପାଇଁ ଦାବି ହୋଇଥିଲେ ମଧ୍ୟ ସୁଫଳ ନ ମିଳିବାରୁ ସଂଗଠନ ଆବାହକ ପ୍ରେମାନନ୍ଦ ସାହୁଙ୍କ ଆହ୍ୱାନକ୍ରମେ ସମସ୍ତ ସଦସ୍ୟ ଜଟିଆ ଛକରେ ୫୩ ନମ୍ବର ଜାତୀୟ ରାଜପଥ ଅବରୋଧ କରିଥିଲେ। ଫଳରେ ଦୀର୍ଘ ସମୟ ଧରି ଯାତାୟତ ଠପ୍ ହୋଇଯାଇଥିଲା। କାମାକ୍ଷାନଗର ଉପଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ପରଜଙ୍ଗ ବିଡିଓ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ଖୁବଶୀଘ୍ର ଆଞ୍ଚଳିକ କାର୍ଯ୍ୟାଳୟରେ ସର୍ଭିସ ରାସ୍ତା ଲାଗି ରିପୋର୍ଟ ଦାଖଲ କରାଯିବ। ଏହା ଅନୁମୋଦନ ନ ହେବା ପର୍ଯ୍ୟନ୍ତ ସରାଙ୍ଗ ଛକଠାରୁ ଜଟିଆ ବ୍ରିଜ ପର୍ଯ୍ୟନ୍ତ ଚାଲିଥିବା କାର୍ଯ୍ୟ ବନ୍ଦ ରହିବ ବୋଲି ପ୍ରତିଶ୍ରୁତି ମିଳିବା ପରେ ଆନ୍ଦୋଳନକାରୀ ରାଜରାସ୍ତାରୁ ହଟିଥିଲେ। ଆଲୋଚନା ସମୟରେ ପରଜଙ୍ଗ ଥାନା ଆଇଆଇସି ପ୍ରଶାନ୍ତ କୁମାର ପାତ୍ର ଉପସ୍ଥିତ ଥିଲେ। ଆନ୍ଦୋଳନ ସମୟରେ ବ୍ଲକ ପ୍ରାକ୍ତନ ଅଧ୍ୟକ୍ଷ ଅକ୍ଷୟ କୁମାର ବେହେରା, ଦିଲ୍ଲୀପ ବର୍ମା, ଜଗ୍ନେଶର ବର୍ମା, ରବିନାରାୟଣ ସାହୁ, ରାଜକିଶୋର ସାହୁ, କାଠି ଭାଇ, ଜଟିଆ ଗ୍ରାମର କେତେକ ମହିଳା ଅନ୍ୟ ସମସ୍ତ ସ୍ଥାନୀୟ ଲୋକେ ସାମିଲ ଥିଲେ। ଶେଷରେ ବିଡିଓଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ସଂଗଠନର ଆବାହକ ସାହୁ, ଗୌତମ ସାହୁ, ଆକାଶ ଦେହୁରୀ, ଶିବାଶିଷ ସାହୁ, ରାଜେଶ ସାହୁ, ସଲିମ ସାହୁ, ପ୍ରଦ୍ୟୁମ୍ନ ସାହୁ ଏବଂ ଅନ୍ୟ ସଦସ୍ୟ କାମାକ୍ଷାନଗର ଉପ ଜିଲାପାଳଙ୍କୁ ଉକ୍ତ ଦାବିପତ୍ରକୁ ହସ୍ତାନ୍ତର କରିଥିଲେ। ଖୁବ୍‌ଶିଘ୍ର ସମସ୍ୟାର ସମାଧାନ ହେବ ବୋଲି ଉପ ଜିଲାପାଳ ପ୍ରକାଶ କରିଛନ୍ତି।

# ୧୦୨ ଅଭିଯୋଗରୁ ୭୨ ସମାଧାନ

ଭୁବନ,୧୨।୧୨(ଡି.ଏନ.ଏ.)

ଭୁବନ ବ୍ଲକ ସଭାଗୃହରେ ସୋମବାର ଜିଲାପାଳଙ୍କ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଏଡିଏମ୍ ରମେଶ ଚନ୍ଦ୍ର ସେଠୀ ଯୋଗଦେଇ ୧୦୨ ଅଭିଯୋଗର ଶୁଣାଣି କରିଥିଲେ। ସେଥିମଧ୍ୟରୁ ୭୨ଟି ଅଭିଯୋଗ ସମାଧାନ ହୋଇଥିଲା। ୬ଟି ସାମୂହିକ ଅଭିଯୋଗ ଥିବାବେଳେ ୯୧ ଟି ବ୍ୟକ୍ତିଗତ ଅଭିଯୋଗ ରହିଥିଲା। ସମସ୍ତ ବିଭାଗୀୟ ମୁଖ୍ୟମାନଙ୍କୁ ଏହାର ସମାଧାନ ପାଇଁ ଦାୟିତ୍ୱ ଦିଆଯାଇଥିଲା। ୫ ଜଣ ବ୍ୟକ୍ତିଙ୍କୁ ରେଡକ୍ରସ୍ ପାଣ୍ଠିରୁ ୨୬ ହଜାର ସହାୟତା ଯୋଗାଇ ଦିଆଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅଧ୍ୟକ୍ଷା ସିପ୍ରା ବରାଳ, ଜିଲା ପରିଷଦ ଉନ୍ନୟନ ଅଧିକାରୀ ଅଶୋକ ଦାସ, କାମାକ୍ଷାନଗର ଉପଜିଲାପାଳ ଜ୍ୟୋତିଶଙ୍କର ସାହୁ, କାମାକ୍ଷାନଗର ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ରଞ୍ଜନ କୁମାର ଦେ, ବିଡିଓ କଲ୍ୟାଣ ସୌରଭ ଦାସ, ତହସିଲଦାର ରୋଜାଲିନ ବେହେରା, ସିଡିପିଓ ପୁଷ୍ପାଞ୍ଜଳି ପରିଡ଼ା, ଅଭିଯୋଗ ପତ୍ର ଅଧିକାରୀ ଲଳିତ ମାଧବ ଚୌଧୁରୀଙ୍କ ସମେତ ସମସ୍ତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ବ୍ଲକର ସମସ୍ତ କର୍ମଚାରୀମାନେ ସହଯୋଗ କରିଥିଲେ।



# ପ୍ରଶାସନ ପକ୍ଷରୁ ନିନ୍ଦା, ଚଢ଼ାଉ ଜୋର୍‌ଦାର

**ଡିଏଫ୍‌ଓଙ୍କୁ ମରଣାନ୍ତକ ଆକ୍ରମଣ ଘଟଣା**

ଢେଙ୍କାନାଳ ଅଫିସ,୧୨।୧୨

ଢେଙ୍କାନାଳ ଜିଲା ସଦର ଥାନା ଗୋବିନ୍ଦପୁର ଫାଣ୍ଡି କୁରୁମଟାଙ୍ଗର ଗ୍ରାମ ନିକଟରେ ଶନିବାର ରାତି ପ୍ରାୟ ୧୦ଟାରେ ଜିଲା ବନଖଣ୍ଡ ଅଧିକାରୀଙ୍କୁ ବେଆଇନ ପଥର ଖାଦାନରେ ପଥର ଚୋରାଚାଲାଣ କରୁଥିବା ମାଫିଆମାନେ ଇଟାରେ ଆକ୍ରମଣ କରିଥିଲେ। ଏହି ଘଟଣାରେ ପୋଲିସ ୬ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଅନ୍ୟ ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ପୋଲିସ ପକ୍ଷରୁ ଚଢାଉ ଜାରି ରହିଛି। ଅଭିଯୁକ୍ତମାନେ ଗ୍ରାମରୁ ଫେରାର ହୋଇଯାଇଥିବା ସଦର ଏସ୍‌ଡିପିଓ ସୂର୍ଯ୍ୟମଣି ପ୍ରଧାନଙ୍କ ସୂତ୍ରରୁ ଜଣାପଡିଛି। ସେହିପରି ଜିଲା ବନଖଣ୍ଡ ଅଧିକାରୀଙ୍କ ଉପରେ ହୋଇଥିବା ମରଣାନ୍ତକ ଆକ୍ରମଣକୁ ଜିଲା ପ୍ରଶାସନ ପକ୍ଷରୁ ତୀବ୍ର ନିନ୍ଦା କରାଯାଇଛି । ଏ ସଂକ୍ରାନ୍ତରେ ଜିଲାପାଳ ସରୋଜ କୁମାର ସେଠୀ କହିଛନ୍ତି, କାର୍ଯ୍ୟରେ ଯାଇଥିବା ଜିଲା ବନଖଣ୍ଡ ଅଧିକାରୀଙ୍କୁ ମରଣାନ୍ତକ ଆକ୍ରମଣ କରାଯିବା ଅତି ନିନ୍ଦନୀୟ ଘଟଣା। ଏହି ଘଟଣାରେ ୬ଜଣଙ୍କୁ ଗିରଫ କରାଯାଇଛି। ଅନ୍ୟମାନଙ୍କ ବିରୋଧରେ ମଧ୍ୟ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ। ବେଆଇନ ଖାଦାନରୁ ପଥର ଚୋରାଚାଲାଣକୁ ରୋକାଯିବା ପାଇଁ ଜିଲା ପ୍ରଶାସନ, ପୋଲିସ ଓ ବନବିଭାଗର ମିଳିତ ସହଯୋଗରେ ଚଢାଉକୁ ଜୋରଦାର କରାଯିବ ବୋଲି ଜିଲାପାଳ ପ୍ରକାଶ କରିଛନ୍ତି।

## ଅଭିଯୁକ୍ତଙ୍କ ଘର ସମ୍ମୁଖରେ ମହିଳାଙ୍କ ଧାରଣା

କଣିହାଁ, ୧୨।୧୨ (ଡି.ଏନ.ଏ.)

ଅନୁଗୋଳ ଜିଲା ରେଙ୍ଗାଳି ଥାନା ଅଞ୍ଚଳର ଜଣେ ମହିଳା ତାଙ୍କ ସହ ଶାରୀରିକ ସମ୍ପର୍କ ରଖି ପ୍ରତାରଣା କରିଥିବା ଅଭିଯୁକ୍ତ ଯୁବକଙ୍କ ଘର ସମ୍ମୁଖରେ ଧାରଣା ଦେଇଛନ୍ତି। ସମ୍ପୃକ୍ତ ମହିଳା ଅଭିଯୋଗ କରିଛନ୍ତି, ସେ ବିବାହିତା। ତାଙ୍କର ଗୋଟିଏ ଝିଅ ଓ ପୁଅ ଅଛନ୍ତି। ତେବେ ସେହି ଅଞ୍ଚଳର ଯୁବକ ସୁକାନ୍ତ ସାହୁ (୪୦) ତାଙ୍କ ସହ ପ୍ରେମ ସମ୍ପର୍କ ରଖିଥିଲେ। ସୁକାନ୍ତ ମଧ୍ୟ ବିବାହିତ। ତାଙ୍କର ସ୍ତ୍ରୀ, ପିଲା ଅଛନ୍ତି। କିନ୍ତୁ ସୁକାନ୍ତ ଗତ ଜୁନ୍ ୭ରେ ତାଙ୍କୁ ଭୁବନେଶ୍ୱର ଆଣି ୪ ମାସ ପାଖରେ ରଖିଥିଲେ। ହେଲେ ଅକ୍ଟୋବର ୯ ତାରିଖରେ ତାଙ୍କୁ ମାଡ ମାରି ବେହୋସ୍ କରି ପଳାଇ ଆସିଥିଲେ। ଅକ୍ଟୋବର ୧୦ରେ ହୋସ୍ ଆସିବା ପରେ ସେ ଘର ଭିତରେ ଚିତ୍କାର କରୁଥିବା ଶୁଣି ଘର ମାଲିକ ଓ ପଡୋଶୀ ଯୁବକ ତାଙ୍କୁ ଉଦ୍ଧାର କରିଥିଲେ। ଏହାପରେ ସେ ଅଭିଯୁକ୍ତ ସୁକାନ୍ତଙ୍କ ନାମରେ ଭୁବନେଶ୍ୱରର ଏକ ଥାନାରେ ଅଭିଯୋଗ କରିଥିଲେ। ନଭେମ୍ବର ୩ରେ ରେଙ୍ଗାଳି ଥାନାର ଦ୍ୱାରସ୍ଥ ହୋଇଥିଲେ। ପୋଲିସ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିବା ଆଇଆଇସି ଅନାମ ଲାକ୍ରା ସୂଚନା ଦେଇଛନ୍ତି। ତେବେ ଅଭିଯୁକ୍ତଙ୍କୁ ଗିରଫ କରାଯାଉ ନ ଥିବାରୁ ସମ୍ପୃକ୍ତା ମହିଳା ସୁକାନ୍ତଙ୍କ ଘର ସମ୍ମୁଖରେ ଧାରଣା ଦେଇଥିବା ଦେଖିବାକୁ ମିଳିଛି।

## ନାବାଳିକାଙ୍କୁ ଗର୍ଭବତୀ କରି ଜଣେ ଗିରଫ

ଅନୁଗୋଳ ଅଫିସ, ୧୨।୧୨

ବନ୍ତଲା ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ଗର୍ଭବତୀ କରିବା ଅଭିଯୋଗରେ କଟକ ଜିଲା ନରସିଂହପୁର ଥାନା ଅଞ୍ଚଳର ଜିଳିଣ୍ଡାରୁ ରଞ୍ଜନ ଗଡ଼ନାୟକ(୨୮)ଙ୍କୁ ପୋଲିସ ଗିରଫ କରିଛି। ପୋଲିସ କହିଛି, ନାବାଳିକାଙ୍କ ଭଉଣୀ ନରସିଂହପୁର ଅଞ୍ଚଳରେ ବିବାହ କରିଛନ୍ତି। ନାବାଳିକା ତାଙ୍କ ଭଉଣୀଙ୍କ ଘରକୁ ଯିବା ସମୟରେ ଅଭିଯୁକ୍ତଙ୍କ ସହ ପ୍ରେମ ସମ୍ପର୍କ ଗଢ଼ିଉଠିଥିଲା। ଏହାପରେ ବିବାହ ପ୍ରତିଶ୍ରୁତି ଦେଇ ଅଭିଯୁକ୍ତ ନାବାଳିକାଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲେ। ନାବାଳିକା ଗର୍ଭବତୀ ହେବା ପରେ ରଞ୍ଜନ ଆନ୍ଧ୍ରକୁ ଚାଲିଯାଇଥିଲେ। ନାବାଳିକା ଅଭିଯୋଗ କରିବା ପରେ ପୋଲିସ ନଂ. ୫୧୭/୨୨ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# ବିଦ୍ୟାଳୟ ନିର୍ମାଣରେ ମାର୍ଗଦର୍ଶକ ଥିଲେ ଗୋବିନ୍ଦ



ବଇଣ୍ଡା,୧୨।୧୨(ଡି.ଏନ.ଏ.)

କିଶୋରନଗର ବ୍ଲକ ନୁନୁକାପଶି ପୂର୍ବତନ ସରପଞ୍ଚ ତଥା ବଇଣ୍ଡା ହାଇସ୍କୁଲର ପ୍ରତିଷ୍ଠାତା ଗୋବିନ୍ଦ ବେହେରାଙ୍କ ଶନିବାର ପରଲୋକ ହୋଇଯାଇଥିବା ବେଳେ ସୋମବାର ବଇଣ୍ଡା ହାଇସ୍କୁଲ ପରିସରରେ ପୁରାତନ ଛାତ୍ର ସଂସଦ ପକ୍ଷରୁ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା। ଛାତ୍ର ସଂସଦ ସଭାପତି ଚିନ୍ତାମଣି ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଅତିଥି ଭାବେ ଭାଜପା ନେତା ଭାଗୀରଥି ପ୍ରଧାନ, ସାମାଜିକ କର୍ମୀ ରଣଜିତ ପଟ୍ଟନାୟକ, ପୂର୍ବତନ ସରପଞ୍ଚ ଜଳଧର ସାହୁ, ପୂର୍ବତନ ପ୍ରଧାନ ଶିକ୍ଷକ ବିଚିତ୍ରା ନନ୍ଦ ସାହୁ, ଅବସରପ୍ରାପ୍ତ ଶିକ୍ଷକ ଲିଙ୍ଗରାଜ ପ୍ରଧାନ, କୃଷ୍ଣଚନ୍ଦ୍ର ସାହୁ, ଗିରୀଶ ଚନ୍ଦ୍ର ବେହେରା, ରମେଶ ଟିବ୍ରୁୱାଲା, ଗିରିଜା ଶଙ୍କର ସାହୁ, ଅର୍ଜୁନ କୁମାର ସାହୁଙ୍କ ସମେତ ପୁରାତନ ଛାତ୍ର, ଗ୍ରାମବାସୀ ଯୋଗ ଦେଇଥିଲେ। ବିଦ୍ୟାଳୟ ନିର୍ମାଣରେ ଗୋବିନ୍ଦ ମାର୍ଗଦର୍ଶକ ଥିଲେ ବୋଲି ଅତିଥିମାନେ ମତପ୍ରକାଶ କରିଥିଲେ। ଏଥିସହ ତାଙ୍କ ସରପଞ୍ଚ ଅମଳରେ ନୁନୁକାପଶି ଅଞ୍ଚଳର ବହୁ ବିକାଶ ହୋଇଥିବା ପ୍ରକାଶ କରିଥିଲେ।

## ଫେରିବାକୁ ରାସ୍ତା ପାଉନାହାନ୍ତି ହାତୀପଲ

କଣିହାଁ,୧୨।୧୨(ଡି.ଏନ.ଏ.)

ତାଳଚେର ବନାଞ୍ଚଳ ସମଲ ଅଞ୍ଚଳରେ ୪ଦିନ ହେବ ଉପଦ୍ରବ ଚଳାଇଥିବା ୩୦ ହାତୀଙ୍କୁ ବନବିଭାଗ ଆତଶବାଜି ସହାୟତାରେ ଘଉଡାଇବା ପାଇଁ ଉଦ୍ୟମ ଚଳାଇଛି। ହାତୀପଲ ସେଠାରୁ ବାହାରିଯିବା ପାଇଁ ରାସ୍ତା ପାଉ ନ ଥିବାରୁ ବ୍ରାହ୍ମଣୀ ନଦୀପଠାରେ ଏ ପାଖରୁ ସେପାଖ ଘୂରି ବୁଲୁଛନ୍ତି। ରବିବାର ରାତିରେ ହାତୀପଲଙ୍କୁ ସମଲ, ବିଲିଣ୍ଡା ଗ୍ରାମରୁ ଘଉଡାଇବା ଦ୍ୱାରା କୁଲେଇ, ଡଙ୍ଗରବେଡା ପାଖକୁ ଯାଇଥିଲେ। ପୁଣି ସକାଳୁ ସମଲ ପାଖକୁ ପଳାଇ ଆସିଥିଲେ। ତାଳଚେର ବନାଞ୍ଚଳ ସମଲ ଓ କୁଲେଇ ଅଞ୍ଚଳରୁ ହାତୀପଲକୁ ଘଉଡା ଯାଉଥିବାବେଳେ ପରଜଙ୍ଗ ବ୍ଲକ ଅଞ୍ଚଳରେ ହାତୀ ଯେପରି ପ୍ରବେଶ ନ କରିବ ସେଥିପାଇଁ ସେଠିକାର ବନ କର୍ମଚାରୀ ଜଗି ରହିଛନ୍ତି। ସୋଲାର କରେଣ୍ଟ ଓ ଟ୍ରେଞ୍ଚ ବ୍ୟବସ୍ଥା କରାଯାଉ ନ ଥିବାରୁ ହାତୀପଲ ବସ୍ତି ଓ ଚାଷବିଲକୁ ମାଡିଯାଉଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ତୁରନ୍ତ ଏ ନେଇ ଉଚ୍ଚ କର୍ତ୍ତୃପକ୍ଷ ପଦକ୍ଷେପ ନେବାକୁ ଲୋକମାନେ ଦାବି କରିଛନ୍ତି।

# ସମସ୍ତଙ୍କୁ ମିଳୁ ସମାନ ଅଧିକାର

ଢେଙ୍କାନାଳ ଅଫିସ,୧୨।୧୨

ଢେଙ୍କାନାଳ ସଦର ବ୍ଲକ କାଇମାଟି ଗ୍ରାମରେ ଇନ୍ଦିରା ସମାଜ ମଙ୍ଗଳ ଅନୁଷ୍ଠାନ (ଇଶୋ) ପକ୍ଷରୁ ବିଶ୍ୱ ମାନବ ଅଧିକାର ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ସାନ୍ଧ୍ୟ ମହାବିଦ୍ୟାଳୟର ଅଧ୍ୟକ୍ଷ ସମୀର କୁମାର ସାହୁ ଯୋଗ କହିଲେ, ସମସ୍ତଙ୍କୁ ସମାନ ଅଧିକାର ମିଳିବା ଜରୁରୀ। ନାଗରିକଙ୍କୁ ମିଳିଥିବା ଅଧିକାରର ସୁରକ୍ଷା କରାଯିବା ମଧ୍ୟ ଆବଶ୍ୟକ। ଅନୁଷ୍ଠାନର ସମ୍ପାଦିକା ପୁଷ୍ପାଞ୍ଜଳି ଜେନା ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଉପଲକ୍ଷେ ନଭେମ୍ବର ୨୫ରୁ ଆରମ୍ଭ ହୋଇଥିବା ୧୬ ଦିନିଆ ମହିଳା ହିଂସାମୁକ୍ତି ଅଭିଯାନ ଉଦ୍‌ଯାପିତ ହୋଇଥିଲା। ଏହି ଅଭିଯାନ ଅବସରରେ ସ୍କୁଲ, କଲେଜ, ଗ୍ରାମରେ ସଚେତନ କାର୍ଯ୍ୟକ୍ରମ ହାତକୁ ନିଆଯାଇଥିଲା। ଅନିମା ନାୟକ, ଶୁଭଶ୍ରୀ ଦାସ, ଜଗବନ୍ଧୁ ଦେହୁରୀ, ସର୍ବେଶ୍ୱର ମଲ୍ଲିକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ବିଶ୍ୱ ମାନବ ଅଧିକାର ଦିବସ ପାଳିତ।

## ସଙ୍କୁଳସ୍ତରୀୟ ଖେଳକୁଦ ସମାରୋହ

ବଅଁରପାଳ,୧୨।୧୨(ଡି.ଏନ.ଏ.)

ଅନୁଗୋଳ ସଙ୍କୁଳସ୍ତରୀୟ ଖେଳକୁଦ ସମାରୋହ ସରସ୍ୱତୀ ବିଦ୍ୟାମନ୍ଦିର ନାଲ୍‌କୋନଗର ଅନୁଗୋଳଠାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ସଙ୍କୁଳ ସଭାପତି ସାଧୁଚରଣ ପ୍ରଧାନ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ବିଦ୍ୟାମନ୍ଦିର ସମ୍ପାଦକ ପ୍ରଭାତ କୁମାର ଧର, ଅଧ୍ୟକ୍ଷ ଡ. ଶତ୍ରୁଘ୍ନ ବେହେରା, ସରସ୍ୱତୀ ବିଦ୍ୟାମନ୍ଦିର ଗାନ୍ଧୀ ମାର୍ଗ ଅନୁଗୋଳର ପ୍ରଧାନ ଆଚାର୍ଯ୍ୟ ଆଲୋକ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ। ଉକ୍ତ କ୍ରୀଡ଼ା ସମାରୋହରେ ୧୩୨ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀଙ୍କୁ ଉଦ୍‌ଯାପନୀ ଉତ୍ସବରେ ପୁରସ୍କୃତ କରାଯାଇଥିଲା। ଗଦାଧର ପାଣିଗାହୀ, ବିଜୟ ବିଶ୍ୱାଳ, ସତ୍ୟବ୍ରତ ମହାପାତ୍ର, ଜଗନ୍ନାଥ ପାଣିଗ୍ରାହୀ କ୍ରୀଡ଼ା ଦାୟିତ୍ୱ ନିର୍ବାହ କରିଥିଲେ। ସୀତାକାନ୍ତ ମିଶ୍ର, ଈଶ୍ୱର ସାହୁ, ସୁଜାତା ସାହୁ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ସଙ୍କୁଳ ସଂଯୋଜକ ଆଲୋକ ଭୋଇ ଧନ୍ୟବାଦ ଦେଇଥିଲେ।



ପ୍ରତିଯୋଗିତାରେ ଭାଗ ନେଇଥିବା ଛାତ୍ରୀଛାତ୍ରମାନେ।

# କ୍ରୀଡ଼ା ଆଗକୁ ବଢ଼ିବାରେ ସହାୟ ହୁଏ

**୧୪ ବର୍ଷରୁ କମ୍ ଖେଳାଳି ଚୟନ**

ଭୁବନ,୧୨।୧୨(ଡି.ଏନ.ଏ.)

ଢେଙ୍କାନାଳ ଜିଲା ଭୁବନ ବ୍ଲକସ୍ତରୀୟ ୧୪ ବର୍ଷରୁ କମ୍ ଖେଳାଳି ଚୟନ କାର୍ଯ୍ୟକ୍ରମ ସୋମବାର ସ୍ଥାନୀୟ ଖେଳ ପଡିଆଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭୁବନ ବ୍ଲକର ଭୁବନ, ଜିରାଳ, ଅନଳ ଓ ମହୁଲପାଳ ୪ଟି ଜୋନର ଖେଳାଳିମାନେ ଅଂଶଗ୍ରହଣ କରିଥିଲେ। ଭଲିବଲ, ଖୋଖୋ ଓ କବାଡି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଖୋଖୋ ପାଇଁ ବାଳିକା ବିଭାଗରୁ ୧୨ ଜଣ ଓ ବାଳକ ବିଭାଗରେ ୧୨, କବାଡି ପାଇଁ ବାଳିକା ବିଭାଗରେ ୧୦ ଓ ବାଳକ ବିଭାଗ ପାଇଁ ୧୦, ଭଲିବଲ୍‌ରେ ବାଳିକା ବିଭାଗରେ ୧୦ ଓ ବାଳକ ବିଭାଗରେ ୧୦ ଜଣ ମନୋନୀତ ହୋଇ ଜିଲାସ୍ତରୀୟ ପ୍ରତିଯୋଗିତା ପାଇଁ ମନୋନୀତ ହୋଇଥିଲେ। ମୁଖ୍ୟଅତିଥି ଭାବେ ବ୍ଲକ ଶିକ୍ଷା ଅଧିକାରୀ ରୁଦ୍ରନାରାୟଣ ସାମଲ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଅତିଥି ଭାବେ ଏବିଓ ସୁମତି ପ୍ରଧାନ, ଭୁବନ ସରକାରୀ ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ଗଣେଶ୍ୱର ସାହୁ ଯୋଗଦେଇ କ୍ରୀଡ଼ାବିତ୍‌ମାନଙ୍କୁ କ୍ରୀଡ଼ା କିପରି ଆଗକୁ ବଢ଼ିବାରେ ସହାୟକ ହୋଇଥାଏ ସେ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଶାରୀରିକ ଶିକ୍ଷକ ବିପିନ ବିହାରୀ ସାହୁ ପରିଚାଳନା କରିଥିଲେ। ଭୁବନ ବ୍ଲକର ସମସ୍ତ ଶାରୀରିକ ଶିକ୍ଷକମାନେ ଉପସ୍ଥିତ ରହି ଆଗାମୀ ଦିନରେ ଜିଲା ପ୍ରତିଯୋଗିତା ପାଇଁ ଖେଳାଳି ଚୟନ କରିଥିଲେ। ବ୍ଲକସ୍ତରୀୟ ଖେଳାଳିମାନେ ଭଲିବଲ ପାଇଁ ହିନ୍ଦୋଳ, କବାଡି ପାଇଁ ଓଡ଼ାପଡ଼ା ଦାଣ୍ଡିମାଳ ସରକାରୀ ଉଚ୍ଚ ବିଦ୍ୟାଳୟ ଓ ଖୋ ଖୋ ପାଇଁ କାମାକ୍ଷାନଗର ରାୟ ନସିଂହପୁର ସରକାରୀ ଉଚ୍ଚ ବିଦ୍ୟାଳୟରେ ପ୍ରତିଯୋଗିତା ପାଇଁ ପ୍ରସ୍ତୁତି କରିବେ ବୋଲି ବିଭାଗ ପକ୍ଷରୁ କୁହାଯାଇଛି।



ଭୁବନ ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆରେ ବ୍ଲକସ୍ତରୀୟ କବାଡି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ଖେଳାଳିମାନେ।

## ସଂକ୍ଷେପରେ

### ଦୁର୍ଘଟଣାରେ ବାଇକ୍ ଚାଳକ ଗୁରୁତର

ଛେଣ୍ଡିପଦା, ୧୨।୧୨(ସ୍ୱ.ପ୍ର.)- ଛେଣ୍ଡିପଦା ଥାନା ତେଣ୍ଟୁଲୋଇ ପଞ୍ଚାୟତ ଦେଇ ଯାଇଥିବା ଛେଣ୍ଡିପଦା-ଜରପଡା ପୂର୍ତ୍ତ ବିଭାଗ ରାସ୍ତାର କୁକୁରପେଟା ଛକ ନିକଟ ପୋଲର ସୁରକ୍ଷା ବାଡାରେ ପିଟିହୋଇ ମୋଟର ସାଇକେଲ ଚାଳକ ତପନ ସାହୁ ଗୁରୁତର ହୋଇଛନ୍ତି। ତାଙ୍କ ଘର ଶିମିଳିପାଳ ପଞ୍ଚାୟତରେ। ପ୍ରକାଶ ଯେ, ତପନ ଧାନ କାଟିବା ପାଇଁ ସମ୍ପର୍କୀୟଙ୍କୁ ଡାକିବା ନିମନ୍ତେ ପରା ଗ୍ରାମକୁ ଯାଉଥିଲା ବେଳେ ହଠାତ ଏକ ଟ୍ରକ୍ ଆସିଯିବାରୁ ସେ ଭାରସାମ୍ୟ ହରାଇ ପୋଲର ସୁରକ୍ଷା ବାଡରେ ପିଟିହୋଇ ଯାଇଥିଲେ। ଖବରପାଇ ଛେଣ୍ଡିପଦା ବିକାଶ ମଞ୍ଚର ସଦସ୍ୟମାନେ ତାଙ୍କୁ ଉଦ୍ଧାର କରି ଛେଣ୍ଡିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ଥିବାରୁ ତପନଙ୍କୁ ପ୍ରାଥମିକ ଚିକିତ୍ସା ପରେ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଛି।

### ଚୋରା ଶାଳ କାଠ ଜବତ

ଛେଣ୍ଡିପଦା,୧୨।୧୨(ସ୍ୱ.ପ୍ର.)- ଅନୁଗୋଳ ଜିଲା ଛେଣ୍ଡିପଦା ବନାଞ୍ଚଳ ଜଳତାପ ଅଞ୍ଚଳରେ ବନବିଭାଗ ଓ ପୋଲିସ ଚଢାଉ କରି ୪୦ଟି ଶାଳ ଚଉକାଠ ଓ ୨୦ଟି ଶାଳପଟା ଜବତ କରିଛି। ବନାଞ୍ଚଳ ଅଧିକାରୀ ନୀଳମଣି ଦେହୁରୀ ଜଳତାପ ଗ୍ରାମରେ ବେଆଇନ ଭାବେ ଚୋରା ଶାଳକାଠ ଗଚ୍ଛିତ ଥିବା ବିଶ୍ୱସ୍ତ ସୂତ୍ରରୁ ଖବରପାଇ ଚଢାଉ କରିଥିଲେ। ଜଳତାପ ଗ୍ରାମ ମୁଣ୍ଡରେ ଗଚ୍ଛିତ ଥିବା ୪୦ ଚଉକାଠ ଓ ୨୦ ପଟା ଜବତ କରିଥିଲେ। ଏ ନେଇ ଏକ ମାମଲା ରୁଜୁ କରାଯାଇ ଘଟଣାର ତଦନ୍ତ ଚାଲିଥିବା ବନାଞ୍ଚଳ ଅଧିକାରୀ ନୀଳମଣି ଦେହୁରୀ ପ୍ରକାଶ କରିଛନ୍ତି।

# ଅବଧି ପରେ ମଧ ଅନୁକମ୍ପା



■ବିନା ଟେଣ୍ଡରରେ ଠିକାସଂସ୍ଥାକୁ ପ୍ରିଣ୍ଟିଂ ଅର୍ଡର ଅଭିଯୋଗ
■ଅନ୍ୟ କେହି ଜାଣିପାରୁନାହାନ୍ତି କୋଟେଶନ, ନୋଟିସ
■ପୁଣି ବିବାଦରେ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟ

ଅନୁଗୋଳ ଅଫିସ, ୧୨।୧୨

ଫର୍ମ ହେଉ କିମ୍ବା ବ୍ୟାନର ପ୍ରିଣ୍ଟିଂ, ଟେଣ୍ଡର ମାଧ୍ୟମରେ ହିଁ ଦିଆଯିବା କଥା ଅର୍ଡର। ହେଲେ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଏହି ବ୍ୟବସ୍ଥା ଠିକ୍ ଭାବେ କାର୍ଯ୍ୟକାରୀ ହେଉନାହିଁ। କେତେବେଳେ ଏଥିପାଇଁ ଟେଣ୍ଡର, ନୋଟିସ ହେଉଛି ତାହା ମଧ ଜାଣିପାରୁନାହାନ୍ତି ଅନ୍ୟ କେହି। ଏକ ନିର୍ଦ୍ଦିଷ୍ଟ ଠିକାସଂସ୍ଥାକୁ ଏହି କାମ ଦେବା ଉଦ୍ଦେଶ୍ୟରେ କେତେବେଳେ ଲୁଚାଣିଆ ଟେଣ୍ଡର ତ ପୁଣି କେବେ ବିନା ଟେଣ୍ଡରରେ କାର୍ଯ୍ୟ ଦିଆଯାଉଥିବା ଅଭିଯୋଗ ହେଉଛି। ଏପରି କି ଟେଣ୍ଡର ଅବଧି ଶେଷ ହୋଇଯାଇଥିଲେ ମଧ ସମ୍ପୃକ୍ତ ଠିକା ସଂସ୍ଥା ପ୍ରତି ଅନୁକମ୍ପା ଦେଖାଯାଉଥିବା ସହରବାସୀ ଅଭିଯୋଗ କରୁଛନ୍ତି।

ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ବ୍ୟବହାର ହେଉଥିବା ଟିକେଟ୍, ଫର୍ମ, ବ୍ୟାନର, ହୋର୍ଡିଂ, ଫ୍ଲେକ୍ସ ଆଦି ପ୍ରିଣ୍ଟିଂ କାର୍ଯ୍ୟ ନିମନ୍ତେ ୨୦୨୦ ସେପ୍ଟେମ୍ବରରେ ଶେଷ ଥର ପାଇଁ ଟେଣ୍ଡର ହୋଇଥିଲା। ଏହାର ବୈଧତା ୨୦୨୧ ଯାଏ ଥିଲା। କିନ୍ତୁ କରୋନା ସମୟ ଥିବାରୁ ଜିଲା ପ୍ରଶାସନଠାରୁ ଅନୁମତି ନିଆଯାଇ ଉକ୍ତ ଅବଧିକୁ ୪ରୁ ୬ ମାସ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଥିଲା। ହେଲେ ଉକ୍ତ ସମୟ ଶେଷ ହୋଇଯାଇଥିଲେ ମଧ ଅଦ୍ୟାବଧି ନୂତନ ଟେଣ୍ଡର ପ୍ରକାଶ ପାଇନାହିଁ। ତଥାପି ଏକ ନିର୍ଦ୍ଦିଷ୍ଟ ଠିକା ସଂସ୍ଥାକୁ ପ୍ରିଣ୍ଟିଂ କାର୍ଯ୍ୟ ଦିଆଯାଉଛି। ଉକ୍ତ ସଂସ୍ଥା ଜିଲାରେ ଥିବା ମୁଖ୍ୟ ଚିକିତ୍ସାଳୟ ସହ ଉପଖଣ୍ଡ ଚିକିତ୍ସାଳୟ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ବ୍ୟାନର ଓ ହୋର୍ଡିଂ ଯୋଗାଉଛି। ଏସବୁ କାର୍ଯ୍ୟ ପାଇଁ କେତେବେଳେ ଟେଣ୍ଡର କିମ୍ବା ନୋଟିସ ଜିଲା ସ୍ୱାସ୍ଥ୍ୟ ପ୍ରଶାସନ ପକ୍ଷରୁ କରାଯାଉଛି ତାହା ଅନ୍ୟ କେହି ଜାଣିପାରୁ ନ ଥିବା କେତେକ ଠିକା ସଂସ୍ଥା ଅଭିଯୋଗ କରୁଛନ୍ତି। ଏ ନେଇ ସେମାନେ ଅଭିଯୋଗ କଲେ ବି କୌଣସି ସୁଫଳ ମିଳୁନାହିଁ। ଏପରି କି ଅଭିଯୋଗ ହେବାମାତ୍ରେ ପୁରୁଣା ତାରିଖରେ ଥିବା ଚିଠିକୁ ନୋଟିସ୍ ବୋର୍ଡରେ ଝୁଲାଇ ଦିଆଯାଉଛି। ପ୍ରିଣ୍ଟିଂ ଟେଣ୍ଡର ଅବଧି ଶେଷ ହୋଇଯାଇଥିବାରୁ ନୂଆ ଟେଣ୍ଡର ଆହ୍ୱାନ କାହିଁକି ଏଯାଏ କରାଯାଉ ନାହିଁ ବୋଲି କେତୋଟି ଠିକାସଂସ୍ଥା ପକ୍ଷରୁ ପ୍ରଶ୍ନ କରାଯାଉଛି। ଏ ନେଇ ମେଡିକାଲର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି, ଖୁବଶୀଘ୍ର ପ୍ରିଣ୍ଟିଂ କାର୍ଯ୍ୟ ପାଇଁ ଟେଣ୍ଡର ଆହ୍ୱାନ କରାଯିବ।

#### ନିୟମକୁ ଜଳାଞ୍ଜଳି ଦିଆଯାଉଛି



ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ବହୁ ନିୟମକୁ ଜଳାଞ୍ଜଳି ଦିଆଯାଉଛି। ମେଡିକାଲ କର୍ତ୍ତୃପକ୍ଷ ଓ ଠିକାଦାରଙ୍କ ମଧରେ ବୁଝାମଣାରେ କାର୍ଯ୍ୟ ଚାଲୁଛି। ଏହା ନୂଆ ଘଟଣା ନୁହେଁ, ଜିଲା ପ୍ରଶାସନର ଉଦାସୀନତା ପାଇଁ ସ୍ୱାସ୍ଥ୍ୟ ବିଭାଗରେ ଏଭଳି କାରବାର ହେଉଛି।

-ସୁବୋଧ କୁମାର ମିଶ୍ର, ସଦସ୍ୟ, ପୂର୍ବତନ ରୋଗୀ କଲ୍ୟାଣ ସମିତି

#### ସଲାସୁତରା କରି କାର୍ଯ୍ୟ କରାଯାଉଛି



ସରକାରୀ କାର୍ଯ୍ୟରେ ଦୁର୍ନୀତିକୁ ପ୍ରଶ୍ରୟ ଦିଆଯିବ ନାହିଁ ବୋଲି ସରକାର କହୁଥିବା ବେଳେ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ବ୍ୟାପକ ପ୍ରିୟାପ୍ରୀତି ତୋଷଣ ଚାଲିଛି। ଠିକାସଂସ୍ଥା ସହ ସଲାସୁତୁରା କରି କାର୍ଯ୍ୟ କରାଯାଉଛି।

-ମାନସ ପାଳ, ସଚେତନ ନାଗରିକ

#### ଟେଣ୍ଡର ସାର୍ବଜନୀନ ହେଉନାହିଁ

ଜିଲା ମୁଖ୍ୟ ଚିକିତ୍ସାଳୟରେ କେତେବେଳେ ଟେଣ୍ଡର ହେଉଛି ତାହା ଜଣାପଡୁନାହିଁ। କୋଟେଶନ୍‌ରେ କ’ଣ ରହୁଛି ତାହା ଜାଣିବା ମୁସ୍କିଲ ହୋଇପଡୁଛି। ଟେଣ୍ଡର ଶେଷ ପରେ ଏହା ପଦାକୁ ଆସୁଛି। ଅଭିଯୋଗ କଲେ ମଧ ତାହାକୁ ଗୁରୁତ୍ୱ ଦିଆଯାଉ ନାହିଁ। ଏ ନେଇ ପୂର୍ବରୁ ମଧ ଜିଲା ପ୍ରଶାସନକୁ ଅବଗତ କରାଯାଇଛି।

-ତପନ ରଞ୍ଜନ ସାମନ୍ତ, ଶିବାନୀ ପ୍ରେସ୍, ଅନୁଗୋଳ

#### ଦୁର୍ନୀତି ପାଇଁ ସର୍ବଦା ବଦନାମ



ବିଭିନ୍ନ ସମୟରେ ଦୁର୍ନୀତି ଅଭିଯୋଗ ପାଇଁ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟ ବଦନାମ ହେଉଛି। ଏ ନେଇ ରାଜ୍ୟ ସରକାର କି ଜିଲା ପ୍ରଶାସନ କଡ଼ା ଆଭିମୁଖ୍ୟ ପୋଷଣ କରୁ ନ ଥିବାରୁ ଏଠାରେ ଅନିୟମିତତା ନିତିଦିନିଆ ହୋଇଗଲାଣି।

-ରାକେଶ ରୋଶନ ଦାସ, ସାମାଜିକ କର୍ମୀ, ଅନୁଗୋଳ

# ଉଦାସୀନତା, ଅବହେଳାକୁ ନିନ୍ଦା

## ୨୧ରେ ଜିଲାସ୍ତରୀୟ ଆଲୋଚନା ସଭା

ଅନୁଗୋଳ ଅଫିସ, ୧୨।୧୨

ଅନୁଗୋଳ ଜିଲାର ଦୀର୍ଘଦିନର ଦାବି ତାଳଚେର ମେଡିକାଲ କଲେଜକୁ ତୁରନ୍ତ କାର୍ଯ୍ୟକ୍ଷମ କରିବା, ଜିଲା ମୁଖ୍ୟ ଚିକିତ୍ସାଳୟକୁ ସୁପର୍‌ସ୍ପେଶାଲିଟି ହସ୍ପିଟାଲରେ ପରିଣତ କରି ମେଡିକାଲ କଲେଜକୁ ଉନ୍ନୀତ କରିବା, ପ୍ରଦୂଷଣ ବିଷବଳୟରେ ଜର୍ଜରିତ ଅନୁଗୋଳ ଜିଲାର ସମସ୍ତ ଘରୋଇ ଉପଭୋକ୍ତାଙ୍କୁ ଦେୟମୁକ୍ତ ବିଜୁଳି ଯୋଗାଇଦେବା, ଜିଲାରେ ପ୍ରତିଷ୍ଠିତ ଶିଳ୍ପ ଓ ଖଣିରେ ସମସ୍ତ ବେକାର ଯୁବତୀ ଓ ଯୁବକଙ୍କୁ ଅଗ୍ରାଧିକାର ଭିତ୍ତିରେ ନିଯୁକ୍ତି ପ୍ରଦାନ କରିବା ସହ ପାସେଞ୍ଜର ଟ୍ରେନ୍‌ରେ ସ୍ପେସାଲ୍ ଯାତ୍ରୀଭଡା ଆଦାୟ ବନ୍ଦ କରିବା ଆଦି ଦାବିରେ ସୋମବାର ଅନୁଗୋଳ ଜିଲା ଜନଜୀବନ ସୁରକ୍ଷା କମିଟି ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଶିକ୍ଷକପଡାସ୍ଥ ନବକୃଷ୍ଣ ଚୌଧୁରୀ ସ୍ମୃତି ପାଠାଗାର ଠାରେ ଅନୁଷ୍ଠିତ ହୋଇଯାଇଛି। କମିଟିର ଆବାହକ ପ୍ରମୋଦ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଶିକ୍ଷାବିତ୍ ଅଭିମନ୍ୟୁ ସ୍ୱାଇଁ, ବରିଷ୍ଠ ଆଇନଜୀବୀ ରବୀନ୍ଦ୍ର ପ୍ରସାଦ ପଟ୍ଟନାୟକ, ରମେଶ ସାହୁ, ବ୍ରଜବନ୍ଧୁ ସାହୁ, ପଠାଣି ବାରିହା, ତୀର୍ଥବାସୀ ଭୋଇ, ଦାମୋଦର ଦାସ, ମାନସ ପାଳ, ତ୍ରିଲୋଚନ ଜେନା, ନିରୋଦ ପାଳ, ନିରୁପମା ପ୍ରଧାନ, ନବକିଶୋର ପ୍ରଧାନ, ବଳରାମ ବେହେରା, ଅଶୋକ କୁମାର ପ୍ରଧାନ ପ୍ରମୁଖ ଯୋଗଦେଇ ଅନୁଗୋଳ ଜିଲାର ଜନଜୀବନର ଜ୍ୱଳନ୍ତ ସମସ୍ୟାର ସମାଧାନ କ୍ଷେତ୍ରରେ ପ୍ରଶାସନିକ ଉଦାସୀନତା ଓ ଅବହେଳାକୁ ନିନ୍ଦା କରିଥିଲେ। ସମସ୍ୟାର ସମାଧାନ ଦାବିରେ ଶକ୍ତିଶାଳୀ ଆନ୍ଦୋଳନ ଗଢ଼ି ତୋଳିବା ପାଇଁ ଆସନ୍ତା ୨୧ ତାରିଖରେ ଏକ ଜିଲାସ୍ତରୀୟ ଆଲୋଚନା ସଭା ଆୟୋଜନ ପାଇଁ ବୈଠକରେ ସର୍ବସମ୍ମତି କ୍ରମେ ନିଷ୍ପତ୍ତି ନିଆଯାଇଥିଲା।



ବୈଠକରେ ଉପସ୍ଥିତ କମିଟିର କର୍ମକର୍ତ୍ତାମାନେ।

# ସ୍ଥାୟୀ ନିଯୁକ୍ତି ଦାବିରେ ବିକ୍ଷୋଭ

ଅନୁଗୋଳ ଅଫିସ, ୧୨।୧୨

ରାଜ୍ୟବ୍ୟାପୀ ଦାବି ସପ୍ତାହ ପାଳନ ଅବସରରେ ଏଆଇଡିୱାଇଓ ଅନୁଗୋଳ ଜିଲା କମିଟି ପକ୍ଷରୁ ଜିଲାପାଳଙ୍କ ଅଫିସ ସମ୍ମୁଖରେ ସୋମବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଶିକ୍ଷା, ସ୍ୱାସ୍ଥ୍ୟ ସମେତ ସମସ୍ତ ବିଭାଗ, ଶିଳ୍ପ ଓ ଖଣିଖାଦାନରେ ଖାଲି ପଡିଥିବା ପଦବୀ ସ୍ଥାୟୀ ଭିତ୍ତିରେ ପୂରଣ କରିବା, ଅନୁଗୋଳ ଜିଲାରେ ପ୍ରତିଷ୍ଠିତ ଖଣି ଓ କାରଖାନା ଗୁଡିକରେ ବିସ୍ଥାପିତ ଏବଂ କ୍ଷତିଗ୍ରସ୍ତ ଯୁବତୀ ଯୁବକଙ୍କୁ ଅଗ୍ରାଧିକାର ଭିତ୍ତିରେ ନିଯୁକ୍ତିପ୍ରଦାନ, ଠିକା ନିଯୁକ୍ତିବନ୍ଦ କରି ସ୍ଥାୟୀ ନିଯୁକ୍ତି ଦେବା, ଅନୁଗୋଳ ନବକୃଷ୍ଣ ଚୌଧୁରୀ ସରକାରୀ ବି.ଏଡ୍ କଲେଜରେ ଏନ୍.ସି.ଟି.ଇ ମାନ୍ୟତା ପ୍ରାପ୍ତିପାଇଁ ଆବଶ୍ୟକ ଶିକ୍ଷକ ନିଯୁକ୍ତ କରି ପୂର୍ଣ୍ଣ ସିଟ୍‌ରେ ନାମ ଲେଖାଇବା ଆଦି ଦାବିରେ ଏହି ବିକ୍ଷୋଭ କରାଯାଇଥିଲା। କର୍ମକର୍ତ୍ତାମାନେ ପ୍ଲାକାର୍ଡ ଓ ବ୍ୟାନର ଧରି ଷ୍ଟାଡିୟମ୍ ପଡିଆଠାରୁ ଏକ ଶୋଭାଯାତ୍ରାରେ ବାହାରି ଅନୁଗୋଳ ବଜାର ପରିକ୍ରମା କରି ଜିଲାପାଳଙ୍କ ଅଫିସ୍ ସମ୍ମୁଖରେ ପହଞ୍ଚିଥିଲେ। ଜିଲା ସମ୍ପାଦକ କୈଳାସ ସାହୁଙ୍କ ପରିଚାଳନାରେ ଅନୁଷ୍ଠିତ ବିକ୍ଷୋଭ ସଭାରେ ଡି.ୱାଇ.ଓ ରାଜ୍ୟ ସଭାପତି ମାନସ ପାଳ କେନ୍ଦ୍ର ଓ ରାଜ୍ୟ ସରକାର ନିଯୁକ୍ତି କ୍ଷେତ୍ରରେ ପ୍ରଚାର ସର୍ବସ୍ୱ ନ ହୋଇ ବିଭିନ୍ନ ଦପ୍ତରରେ ଖାଲି ପଡିଥିବା ପଦବୀଗୁଡିକ ପୂରଣ କରିବାକୁ ଦାବି କରିଥିଲେ। ପରେ ଜିଲା ସଭାପତି ନିରଞ୍ଜନ ନାୟକଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଅତିରିକ୍ତ ଜିଲାପାଳଙ୍କୁ ଭେଟି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଥିଲେ। ଆଗାମୀ ଦିନରେ ରାଜଭବନ ଘେରାଉ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି ବୋଲି ବିକ୍ଷୋଭରେ ସାମିଲ ଥିବା ଜିଲା କାର୍ଯ୍ୟକର୍ତ୍ତା ଜ୍ୟୋସ୍ନା ସାମଲ, ଭରତ ନାଏକ, କିଶୋର ବିଶ୍ୱାଳ, ସତ୍ୟରଞ୍ଜନ ସାହୁ, କାଳନ୍ଦି ନାଏକ, ଉଲ୍ଲାସ ମୁଦୁଲି, ମଳୟ ବେହେରା, ପ୍ରଭାତ ପ୍ରଧାନ ପ୍ରମୁଖ ସୂଚନା ଦେଇଛନ୍ତି।




ବିଭିନ୍ନ ଦାବି ନେଇ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

# ରେମୁଆଁ ୱାର୍ଡବାସୀଙ୍କ ଆନ୍ଦୋଳନ



ବସ୍ତିବାସିନ୍ଦା ଶୋଭାଯାତ୍ରାରେ ସାମିଲ ହୋଇଛନ୍ତି।

ତାଳଚେର, ୧୨।୧୨ (ନି.ପ୍ର.)

ତାଳଚେର ପୌର ପରିଷଦର ୧୨ ନମ୍ବର ୱାର୍ଡ ରେମୁଆଁ ବସ୍ତି ବାସିନ୍ଦା ମୌଳିକ ସୁବିଧା ଦାବିରେ ସୋମବାର ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଦୀର୍ଘ ବର୍ଷ ଧରି ସେମାନେ ରହିଆସୁଥିଲେ ମଧ ସରକାରଙ୍କ ଯୋଜନା ଅନୁଯାୟୀ ସ୍ଥାୟୀ ପଟ୍ଟା ପ୍ରଦାନ କରାଯାଉନାହିଁ। ଏହାର ପ୍ରତିବାଦ କରି ବସ୍ତିବାସିନ୍ଦା ଏକ ବିରାଟ ପଟୁଆରରେ ଗ୍ରାମରୁ ବାହାରି ସ୍ଥାନୀୟ ହତୋତୋଟା ଦେଇ ପୌର ପରିଷଦ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ବିକ୍ଷୋଭ କରିଥିଲେ। ପରେ ନିର୍ବାହୀ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଦାବିପତ୍ରରେ ଦର୍ଶାଯାଇଛି, ୱାର୍ଡରେ ପରିମଳ ସେବା ଠିକ ନାହିଁ। କୁଢ଼ କୁଢ଼ ଅଳିଆ ରାସ୍ତାରେ ପଡିରହିବା ସହ ମଶା ତେଲ ନ ପକାଇବା, ନୂତନ ଡ୍ରେନ ଓ ରାସ୍ତା ନିର୍ମାଣ କରାଯାଉ ନାହିଁ। ତେଣୁ ୧୨ନମ୍ବର ୱାର୍ଡ କାଉନସିଲର ସଞ୍ଜୀବ ଗଡନାୟକଙ୍କ ନେତୃତ୍ୱରେ ଯୁବ ବିଜେଡି ନେତା ସୁଲେଖ ସେଠି ସାମିଲ ହୋଇ ପୌର ପରିଷଦର ଏହି ଅବହେଳାର ଦୃଢ଼ ପ୍ରତିବାଦ କରିଥିଲେ। ତୁରନ୍ତ ଦେଖାଦେଇଥିବା ସମସ୍ୟାରେ ସମାଧାନ ନ ହେଲେ କିମ୍ବା ଭୂମିହୀନ ବସ୍ତିବାସିନ୍ଦାଙ୍କୁ ଜାଗା ଯୋଜନାରେ ଅନ୍ତର୍ଭୁକ୍ତ କରି ପଟ୍ଟା ପ୍ରଦାନ କରା ନ ଗଲେ ଜୋରଦାର ଆନ୍ଦୋଳନ ହେବ ବୋଲି ଚେତାବନୀ ଦେଇଛନ୍ତି।

# ଜନଶୁଣାଣିରେ ୭୪ ଅଭିଯୋଗ

ଅନୁଗୋଳ ଅଫିସ, ୧୨।୧୨

ଅନୁଗୋଳ ଜିଲାପାଳଙ୍କ କାର୍ଯ୍ୟାଳୟ କୋର୍ଟ ରୁମ୍‌ରେ ସୋମବାର ଜିଲାସ୍ତରୀୟ ମିଳିତ ଜନଶୁଣାଣି ଶିବିର ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ମୋଟ ୭୪ଟି ଅଭିଯୋଗ ହୋଇଥିଲା। ସେଥିରୁ ୭୧ଟି ବ୍ୟକ୍ତିଗତ ଓ ୩ଟି ଗ୍ରାମ୍ୟ ଭିତ୍ତିକ ଅଭିଯୋଗର ଶୁଣାଣି କରି ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ଜିଲାପାଳ ପରାମର୍ଶ ଦେଇଥିଲେ। ଜିଲା ରେଡକ୍ରସ ପାଣ୍ଠିରୁ ଚିକିତ୍ସା ପାଇଁ ଦୁଇ ଜଣଙ୍କୁ ୧୫ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। ଏହାବ୍ୟତୀତ ଦାଖଲ ହୋଇଥିବା ସମୁଦାୟ ୭୪ଟି ଅଭିଯୋଗ ମଧ୍ୟରୁ ୧୮ଟି ଅଭିଯୋଗର ଫଇସଲା ହୋଇଥିଲା। ଏହି ଶିବିରକୁ ଆସିଥିବା ଲୋକମାନେ କଳାକାର ଭତ୍ତା, ଜମି ବିବାଦ, ବାର୍ଦ୍ଧକ୍ୟ ଭତ୍ତା, ବିଜୁଳି ସମସ୍ୟା, ଶିକ୍ଷା ସମ୍ବନ୍ଧୀୟ ସମସ୍ୟା, ଭିନ୍ନକ୍ଷମ ଭତ୍ତା, ରାଶନ କାର୍ଡ ଓ ପ୍ରଧାନମନ୍ତ୍ରୀ ଆବାସ ସମେତ ବିଭିନ୍ନ ଅଭିଯୋଗ ଦାଖଲ କରିଥିଲେ। ଶିବିରରେ ଅନ୍ୟମାନଙ୍କ ମଧ୍ୟରେ ଏସ୍‌ପି ଜଗମୋହନ ମୀନା, ଅତିରିକ୍ତ ଜିଲାପାଳ(ରାଜସ୍ୱ) ସନ୍ତୋଷ କୁମାର ପ୍ରଧାନ, ଅତିରିକ୍ତ ଜିଲାପାଳ(ସାଧାରଣ) ରଜନୀକାନ୍ତ ସ୍ୱାଇଁ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଲଳିତ ମୋହନ ବେହେରା, ଅନୁଗୋଳ ଜିଲାପାଳ ବଇତୁରା ଦୀପ, ଆସିଷ୍ଟାଣ୍ଟ କଲେକ୍ଟର ମଧୁସ୍ମିତା ବିଶି, ଜିଲା ଶିକ୍ଷା ଅଧିକାରୀ ନିରଞ୍ଜନ ସାହୁଙ୍କ ସମେତ ବିଭିନ୍ନ ବିଭାଗର ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।



ଶିବିରରେ ଉପସ୍ଥିତ ପ୍ରଶାସନିକ ଅଧିକାରୀମାନେ।

# ହାତୀ ମୃତ୍ୟୁ ଘଟଣାରେ ଜଣେ ଗିରଫ

ଛେଣ୍ଡିପଦା ,୧୨।୧୨(ସ୍ୱ.ପ୍ର.)

ଅନୁଗୋଳ ଜିଲା ଜରପଡା ବନାଞ୍ଚଳର ଜରପଡା ଓ ପରା ଗ୍ରାମ ସୀମାନ୍ତ ଠେକିବୁରୀ ନିକଟରୁ ଏକ ଦନ୍ତା ହାତୀର ମୃତଦେହ ଶନିବାର ବନ ବିଭାଗ ଜବତ କରିଥିଲା। ଏହି ଘଟଣାରେ ବନବିଭାଗ ଜଣଙ୍କୁ ଗିରଫ କରି କୋର୍ଟ ଚାଲଣ କରିଛି। ପ୍ରକାଶ ଯେ, ଉକ୍ତ ହାତୀ ବିଦ୍ୟୁତ୍ ଆଘାତରେ ପ୍ରାଣ ହରାଇଥିବା ଅଞ୍ଚଳବାସୀ ସନ୍ଦେହ କରିଥିଲେ। ଏ ନେଇ ବନବିଭାଗ ଖୋଳତାଡ କରିବା ପରେ ପରା ଗ୍ରାମର ଯୋଗୀନାଥ ପ୍ରଧାନ ଓ ଜରପଡା କୁମୁରିସିଙ୍ଗାର ଗୋପବନ୍ଧୁ ସାହୁଙ୍କ ସମ୍ପୃକ୍ତି ଥିବା ବିଭାଗକୁ ଖବର ମିଳିଥିଲା। ରବିବାର ବିଳମ୍ବିତ ରାତିରେ ପରା ଗ୍ରାମରେ ଚଢାଉ କରି ଯୋଗୀନାଥଙ୍କୁ ବନ ବିଭାଗ ଅଟକ ରଖି ପଚରାଉଚରା କରିଥିଲା। ତେବେ କୁମୁରୁସିଙ୍ଗା ଗ୍ରାମର ଗୋପବନ୍ଧୁ ସାହୁ ଫେରାର ହୋଇଯାଇଥିଲେ। ହାତୀ ଉପଦ୍ରବରେ ଅତିଷ୍ଠ ହୋଇ ଗୋପବନ୍ଧୁଙ୍କ ସହ ମିଶି ଯୋଗୀନାଥ ପାଖରେ ଯାଇଥିବା ଏଲ୍‌ଟି ଲାଇନରୁ ଜିଆଇ ତାର ମାଧ୍ୟମରେ ବଗିଚାରେ ବିଦ୍ୟୁତ୍ ତାର ବିଛାଇଥିଲେ। ବିଳମ୍ବିତ ରାତିରେ ବିଦ୍ୟୁତ୍ ତାର ଲାଗି ହାତୀର ମୃତ୍ୟୁ ହୋଇଥିଲା। ସକାଳେ ଘଟଣା ସମ୍ପର୍କରେ ଦେଖିବାପରେ ଭୟଭୀତ ହୋଇ ଜିଆଇ ତାରକୁ ଲୁଚାଇ ଦେଇଥିବାନେଇ ଯୋଗୀନାଥ ବନବିଭାଗ ନିକଟରେ ସ୍ୱୀକାର କରିଥିଲେ। ତାଙ୍କୁ ଗିରଫ କରାଯିବା ସହ ୧ କିଲୋ ଜିଆଇ ତାର ଜବତ କରାଯାଇଛି। ଫେରାର ଗୋପବନ୍ଧୁଙ୍କୁ ଧରାଇଦେଲେ କିମ୍ବା ସୂଚନା ଦେଲେ ୫ ହଜାର ଟଙ୍କା ପୁରସ୍କାର ଦିଆଯିବ ବୋଲି ଅନୁଗୋଳ ବନଖଣ୍ଡ ଅଧିକାରୀ କହିଥିବା ବନାଞ୍ଚଳ ଅଧିକାରୀ ମାଧବ ନାଏକ ସୂଚନା ଦେଇଛନ୍ତି।



ଅଭିଯୁକ୍ତଙ୍କ ସହ ବନ ବିଭାଗ କର୍ମଚାରୀମାନେ।

# ଓକିଲ ମାରଣ ନୀତିକୁ ନିନ୍ଦା



ଆଠମଲ୍ଲିକଠାରେ ଆନ୍ଦୋଳନରେ ବସିଥିବା ଆଇନଜୀବୀମାନେ।

ଛେଣ୍ଡିପଦା/ ଆଠମଲ୍ଲିକ,୧୨।୧୨(ସ୍ୱ.ପ୍ର.)

ଅନୁଗୋଳ ଜିଲା ଛେଣ୍ଡିପଦା ଓକିଲ ସଂଘ ପକ୍ଷରୁ ସୋମବାର କୋର୍ଟ ବର୍ଜନ ସହିତ ସତ୍ୟାଗ୍ରହ ଆନ୍ଦୋଳନ କରାଯାଇଥିଲା। ଆଇନଜୀବୀଙ୍କ ଆନ୍ଦୋଳନକୁ ନେଇ ସୁପ୍ରିମକୋର୍ଟଙ୍କ ଅସନ୍ତୋଷ ଓ କଡ଼ା ଆଭିମୁଖ୍ୟ ପଛରେ ଭାରତୀୟ ଆଇନଜୀବୀ ପରିଷଦ ଏବଂ ରାଜ୍ୟ ଆଇନଜୀବୀ ପରିଷଦର ପ୍ରମୁଖ ଭୂମିକା ଥିବା ଅଭିଯୋଗ ଆଣି ଓକିଲମାନେ ଏହାର ପ୍ରତିବାଦରେ ସୋମବାର ରାଜ୍ୟବ୍ୟାପୀ ସତ୍ୟାଗ୍ରହ ଆନ୍ଦୋଳନ କରିଥିଲେ। ଛେଣ୍ଡିପଦା ଓକିଲ ସଂଘ ଉପ ସଭାପତି ଗୋବିନ୍ଦ ଚନ୍ଦ୍ର ସାହୁଙ୍କ ନେତୃତ୍ୱରେ ଏକ ବୈଠକ କରାଯିବା ସହିତ ଭାରତୀୟ ଆଇନଜୀବୀ ପରିଷଦ ଓ ରାଜ୍ୟ ଆଇନଜୀବୀ ପରିଷଦର ମନମୁଖି କାର୍ଯ୍ୟକଳାପ,ଓକିଲ ମାରଣ ନୀତିକୁ ନିନ୍ଦା କରିଥିଲେ। ଏହି ସତ୍ୟାଗ୍ରହରେ ଛେଣ୍ଡିପଦା ଓକିଲ ସଂଘ ସମ୍ପାଦକ ପ୍ରଦୀପ କୁମାର ଗଡନାୟକ, ସହ ସମ୍ପାଦକ ଶିଶିର ବେହେରା, କୋଷାଧ୍ୟକ୍ଷ ବିଦ୍ୟାଧର ବେହେରା, ଭୋଳେଶ୍ୱର ବେହେରା, ବସନ୍ତ କୁମାର ପ୍ରଧାନ, ପଦ୍ମଚରଣ ମାଝି, ନଗେନ ନନ୍ଦ, ରାଜକିଶୋର ବେହେରା, ଗୋପବନ୍ଧୁ ସାହୁ, ଯତୀନ୍ଦ୍ର କୁମାର କର, ଅଜୟ କୁମାର ବେହେରା, ବୁଦ୍ଧଦେବ ବେହେରା, ବିଜୟ ବେହେରା, ନକୁଳ ମାଝିଙ୍କ ସମେତ ସଂଘର ବହୁ କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ। ସେହିପରି ଆଠମଲ୍ଲିକ ଆଇନଜୀବୀ ସଂଘ ପକ୍ଷରୁ ସଭାପତି ସୁଶାନ୍ତ କୁମାର ମହାପାତ୍ରଙ୍କ ନେତୃତ୍ୱରେ ଅଦାଲତ ପରିସରରେ ସତ୍ୟାଗ୍ରହ ଅନୁଷ୍ଠିତ ହୋଇଥିଲା। ଅତିରିକ୍ତ ଜିଲା ଦୌରାଜଜ୍‌ଙ୍କ ସମେତ ସମସ୍ତ ତିନିଜଣ ମାଜିଷ୍ଟ୍ରେଟ ଓ କର୍ମଚାରୀମାନଙ୍କୁ କାର୍ଯ୍ୟ ତୁଲାଇବାକୁ ସୁଯୋଗ ଦିଆଯାଇଥିଲା।



